ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.173 Bhubaneswar Saturday August 27 2022 | ୨୫ତମ ବର୍ଷ ସଂଖ୍ୟା–୧୭୩ ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS




ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସମାରୋହରେ ଇକ୍ୟୁଏଡର, ସୋମାଲିଆ, ଜର୍ମାନୀ ଏବଂ ସୁରିନାମ୍ର ରାଷ୍ଟ୍ରଦୂତମାନଙ୍କ ଠାରୁ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପ୍ରମାଣପତ୍ର ଗ୍ରହଣ କରିଛନ୍ତି ।

# ଫ୍ଲାଟ କିଣା ସ୍ୱପ୍ନ କରିଦେଲେ ଧୂଳିସାତ୍, ୫୦ ଜଣଙ୍କୁ ଲଗାଇଲେ ଚୁନ

ଭୁବନେଶ୍ୱର, ୨୬।୮(ପି.ଏନ): ଧୂଳିସାତ୍ କରିଦେଲେ ସ୍ୱପ୍ନ। ଘର ତ ଦେଲେନି, ଓଲଟା ୨୦ କୋଟି ଟଙ୍କା ଚୁନ ଲଗାଇଲେ। ରାଜଧାନ ଭୁବନେଶ୍ୱରରେ ଆପାଟମେଣ୍ଟ କରି ଫ୍ଲାଟ ବିକୁଥିବା ଏକ ରିୟଲ ଇଷ୍ଟେଟ ସଂସ୍ଥା ଏଭଳି ଚୁନ ଲଗାଇଛି। ଯିଏ ଏହି ଠକାମୀର ଶିକାର ହୋଇଛି, ସେ ଅଖା ଧୋଉଛି, ଗୁଣ ଗାଉଛି। ତେବେ ସେମାନଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲୁ ଏକ ମାମଲା କରି ଜଣଙ୍କୁ ବାନ୍ଧି କୋର୍ଟ ଚାଲାଣ କରିଛି। ଏହି ମାମଲାରେ ଅଭିଯୁକ୍ତ ଆଉ ଦୁଇ ଠକ ଫେରାର ହୋଇଯାଇଛନ୍ତି। ସେପଟେ ଏହି ମହାଠକଙ୍କ ଠକେଇ ପଛରେ ବିଜେଡିର ଜଣେ ରାଜନେତାଙ୍କ ଅଭିଯୋଗ ଆସିବା ପରେ ଏହି ମାମଲାରେ ସ୍ୱତନ୍ତ୍ର ଟୁଇଷ୍ଟ ଆସିଛି ।ଅଭିଯୋଗ ମୁତାବକ, ରାଜଧାନୀର ପ୍ରାୟ ୫୦ ଜଣଙ୍କୁ ଠକେଇ କରିଛି ରାଜଧାନୀର ବିଲ୍ଡର୍ ସଂସ୍ଥା ଓଡ଼ିଶା ହୋମ୍ସ। ଏନେଇ ଅଭିଯୋଗ ପରେ ଇଓଡବ୍ଲୁ ଓଡ଼ିଶା ହୋମ୍ସର ନୟାପଲ୍ଲୀ ଅଫିସରେ ଚଢ଼ାଉ କରି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାନ୍ତାରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସଂସ୍ଥାର ଅନ୍ୟ ୨ ନିର୍ଦ୍ଦେଶକ ମନୋଜ ପଣ୍ଡା ଏବଂ ସରୋଜ ପଣ୍ଡା ଫେରାର୍



ହୋଇଯାଇଛନ୍ତି। ତାଙ୍କୁ ଧରିବା ପାଇଁ ତନାଘନା ଜାରି ରହିଥିବା କହିଛନ୍ତି ଇଓଡବ୍ଲୁ ଏସ୍ପି ଦିଲ୍ଲୀପ ତ୍ରିପାଠୀ।ତେଣୁ ରାଜଧାନୀରେ ଘର କରିବାକୁ ସ୍ୱପ୍ନ ଦେଖୁଥିଲେ ସାବଧାନ। ଜୀବନ ଯାକର କଷ୍ଟ ଉପାର୍ଜିତ ଟଙ୍କା ଆଉ ଫେରି ନ ପାରେ। ଘର କିଣିବା ସ୍ୱପ୍ନ ମଧ୍ୟ ଅଧୁରା ରହିଯାଇପାରେ।ଠକାମୀର ଶିକାର ହୋଇଥିବା ଟିସିଏସ୍ କମ୍ପାନୀରେ କାର୍ଯ୍ୟରତ ଭୁବନେଶ୍ୱରର ରଞ୍ଜନ କୁମାର ମହାପାତ୍ର କହିଛନ୍ତି, ନୟାପଲ୍ଲୀ ସ୍ଥିତ ଓଡ଼ିଶା ହୋମ୍ସ ଆଣ୍ଡ କମର୍ସିଆଲ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ବିଲ୍ଡର ସଂସ୍ଥାଠୁ ବୁକିଂ କରିଥିଲେ ଥ୍ରୀ ବିଏଚ୍‌କେ ଫ୍ଲାଟ। ଏଥିପାଇଁ ୬୫ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ୬ ବର୍ଷ ହୋଇଗଲା, ନା ଫ୍ଲାଟ ମିଳିଲା ନା ଟଙ୍କା ଫେରିଆସିଲା। ଶେଷରେ ନ୍ୟାୟ ପାଇବାକୁ ସେ ଇଓଡବ୍ଲୁରେ ଦ୍ୱାରସ୍ଥ ହୋଇଛନ୍ତି।ଇଓଡବ୍ଲୁ ସୂଚନା ମୁତାବକ, ଓଡ଼ିଶା ହୋମ୍ସର କଳିଙ୍ଗ ଷ୍ଟୁଡ଼ିଓ ନିକଟ ଶ୍ୟାମପୁରରେ ଅନ୍ୟତମ ନିର୍ମାଣାଧିନ ଆପାଟମେଣ୍ଟ କାମ ଚାଲିଛି। ଅଭିଯୁକ୍ତମାନେ ଏଠାରେ ଶସ୍ତାରେ ଫ୍ଲାଟ ଦେବାର ଲୋଭ ଦେଖାଇ ଗଣପତି ହୋମ୍ସ ନାଁରେ ଲୋକଙ୍କ ଠାରୁ ବୁକିଂ ନେଇଥିଲେ। ୨୦୧୩ରୁ ୨୦୧୬ ମଧ୍ୟରେ ପ୍ରାୟ ୫୦ରୁ ଅଧିକ ଗ୍ରାହକଙ୍କଠୁ ମୋଟ ୨୦ କୋଟି ଟଙ୍କା ଆଦାୟ କରିଥିଲେ। ହେଲେ ଘର ଦେବାର ନାଁ ଗନ୍ଧ ନାହିଁ। ୭ ଜଣଙ୍କ ନାଁରେ ବୁକିଂ ଫ୍ଲାଟକୁ ଏକାଧିକ ଲୋକଙ୍କୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। କେବଳ ଶ୍ୟାମପୁର ନୁହେଁ, ସହିଦନଗର, ଖଣ୍ଡଗିରି ଅଞ୍ଚଳରେ ବି ଫ୍ଲାଟ ନାଁରେ ଠକେଇର ଜାଲ ବିଛାଇଥିଲେ ଏମାନେ। କାହାଠୁ ୬୦/୭୦ ଲକ୍ଷ ନେଇଥିଲେ ତ ଆଉ କାହାଠୁ ନେଇଥିଲେ କୋଟିଏରୁ ଅଧିକ ଟଙ୍କା। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ପ୍ରକଳ୍ପଗୁଡ଼ିକୁ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କଗୁଡ଼ିକ ମଞ୍ଜୁରୀ ଦେବା ସହ ଋଣ ବି ଦେଇଥିଲେ। ସେହି ବିଶ୍ୱାସରେ ଭଳି ଯାଇଥିଲେ ଲୋକେ।ଓଡ଼ିଶା ହୋମ୍ସର ମାଲିକ ହେଉଛନ୍ତି, କୋରାପୁଟ ଜୟପୁରର ମୂଳ ବାସିନ୍ଦା। ସେଠାରେ ବି କଂପାନୀ ପକ୍ଷରୁ ତିଆରି ହେଉଛି ଫ୍ଲାଟ।ତେବେ ପ୍ରଶ୍ନ ଉଠୁଛି, କାହା ଛତ୍ରଛାୟାରେ ଏଭଳି ଠକେଇ କାରବାର ଚଳାଉଛି ଏହି ବିଲ୍ଡର୍ ସଂସ୍ଥା। ରାଜଧାନୀରେ ପଚାଶ ଜଣଙ୍କୁ ଚୁନା ଲଗାଇଥିବା ଏହି ସଂସ୍ଥାକୁ କିଏ ଦେଇଛି ଅଭୟ ବର।ରଘୁନାଥ ପାଢ଼ୀ ନାମକ ଜଣେ ବ୍ୟକ୍ତି ପୁଲିସ୍ ଡିଜିଙ୍କୁ ଟୁଇଟ୍ କରି ଲେଖିଛନ୍ତି, ଏହି ସଂସ୍ଥାରେ ବହୁଳ ମାତ୍ରାରେ ଅର୍ଥ ବିନିଯୋଗ କରିଛନ୍ତି ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ। ସେ ଏହି ଠକ ବିଲ୍ଡର୍ ସଂସ୍ଥାର ଗଡ୍ ଫାଦର। ତେବେ ରବି ନନ୍ଦ କହିଛନ୍ତି, ରାଜନୈତିକ ଆକ୍ରୋଶ ରଖି ବିଭିନ୍ନ ବ୍ୟକ୍ତି ଟାର୍ଗେଟ କରୁଛନ୍ତି। ତଥାପି ତଦନ୍ତ ହେଉ, ଦୋଷ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣୀୟ ହେବ। ଏମିତି ଠକାମୀ କରିଥିବା ବିଲ୍ଡର ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ।

# ପୁଣି ଅଡୁଆରେ କେଜରିବାଲ ସରକାର

## ଅବକାରୀ ନୀତି ପରେ ସ୍କୁଲରେ ଅତିରିକ୍ତ କ୍ଲାସରୁମ୍‌ର ନିର୍ମାଣ ଯାଂଚ ଆରମ୍ଭ

ନୂଆଦିଲ୍ଲୀ, ୨୬।୮(ପି.ଏନ): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଆମ୍ ଆଦମୀ ପାର୍ଟି ସରକାରର ସମସ୍ୟା କମ ହେଉ ନାହିଁ । ଅବକାରୀ ନୀତି ମାମଲା ପରେ ଏବେ ଦିଲ୍ଲୀର ସରକାରୀ ସ୍କୁଲ୍‌ରେ ଅତିରିକ୍ତ କ୍ଲାସରୁମ୍‌ର ନିର୍ମାଣକୁ ନେଇ ମଧ ସରକାରଙ୍କ କାର୍ଯ୍ୟକ୍ରମ ଯାଂଚ ଆଗକୁ ଆସିଛି। ଉପରାଜ୍ୟପାଳ(ଏଲ୍‌ଜି) ବିନୟ କୁମାର ସାକ୍‌ସେନା ସ୍କୁଲ୍‌ରେ ଅତିରିକ୍ତ କ୍ଲାସରୁମ୍‌ର ନିର୍ମାଣ ମାମଲାରେ କେନ୍ଦ୍ର ସତର୍କତା ଆୟୋଗ(ସିବିସି)ର ଯାଂଚ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ କରିବାରେ ସତର୍କତା ବିଭାଗ ପକ୍ଷରୁ ଅଢ଼େଇ ବର୍ଷ ପରେ ଦିଲ୍ଲୀର ମୁଖ୍ୟ ସଚିବଙ୍କ ଠାରୁ ରିପୋର୍ଟ ମାଗିଛନ୍ତି।

# ନୂଆଖାଇରେ ୨ ଦିନ ସରକାରୀ ଛୁଟି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଜୟନାରାୟଣ

ଭୁବନେଶ୍ୱର, ୨୬।୮(ପି.ଏନ): ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ଗଣପର୍ବ 'ନୂଆଖାଇ' ଅବସରରେ ୨ ଦିନ ସରକାରୀ ଛୁଟି ଘୋଷଣା କରିବାକୁ ଦାବି କରିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର । ଏହି ଦାବି ନେଇ ଶ୍ରୀ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁକ୍ରବାର ଚିଠି ଲେଖିଛନ୍ତି। ଚିଠିରେ ସେ ଲେଖିଛନ୍ତି ଯେ, ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ପଶ୍ଚିମ ଓଡ଼ିଶାର ଗଣପର୍ବ 'ନୂଆଖାଇ' ପାଳନ ହେବ। କିନ୍ତୁ ଜିଲ୍ଲା ପ୍ରଶାସନ ସରକାରୀ କର୍ମଚାରୀ ଓ ଜନସାଧାରଣଙ୍କୁ ନୂଆଖାଇ ପର୍ବ ପାଳନ ପାଇଁ ୨ ଦିନ ଅନୁମତି ଦେଉନାହାନ୍ତି। ତେଣୁ ରାଜ୍ୟ ସରକାରଙ୍କୁ ମୁଁ ଅନୁରୋଧ କରୁଛି ଯେ, 'ନୂଆଖାଇ' ପର୍ବ ପାଇଁ ୨ ଦିନ ଲୋକାଲ ଛୁଟି ଘୋଷଣା କରାଯାଉ।ଶ୍ରୀ ମିଶ୍ର କହିଛନ୍ତି ପଶ୍ଚିମ ଓଡ଼ିଶାରେ ନୂଆଖାଇକୁ ବ୍ୟାପକ ଭାବେ ପାଳନ କରାଯାଇଥାଏ। ସମ୍ବଲପୁର, ବରଗଡ଼, କଳାହାଣ୍ଡି ଏବଂ ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲ୍ଲାଗୁଡ଼ିକରେ ଏହି ପର୍ବକୁ ଆକର୍ଷଣୀୟ ଭାବେ ପାଳନ କରାଯାଇଥାଏ। ଖରିଫ ଋତୁରେ ଫସଲ ଅମଳ କରିବା ପୂର୍ବରୁ ଚାଷୀମାନେ ମା' ସମଲେଶ୍ୱରୀ ଓ ମା' ମାଣିକେଶ୍ୱରୀଙ୍କ ବ୍ୟତୀତ ପଶ୍ଚିମ ଓଡ଼ିଶାର ଅନ୍ୟ ମନ୍ଦିରରେ ନୂଆ ଧାନକୁ ଅର୍ପଣ କରିଥାନ୍ତି। ଦେଶ ବିଦେଶରେ ରହୁଥିବା ପଶ୍ଚିମ ଓଡ଼ିଶାର ଲୋକେ ନିଜ ପରିବାରର ସଦସ୍ୟ, ବନ୍ଧୁବାନ୍ଧବ, ସଂପର୍କୀୟମାନଙ୍କୁ ଭେଟିବା ପାଇଁ ଆସିଥାନ୍ତି। ଗୋଟିଏ ଛାତ ତଳେ ପରିବାର ସଦସ୍ୟମାନେ ନୂଆଖାଇ ପାଳନ କରିଥାନ୍ତି।

# ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ , ବୋର୍ଡ ସାର୍ଟିଫିକେଟ୍ ଦେବାକୁ ଲାଂଚ ନେଉଥିଲେ

ଭୁବନେଶ୍ୱର, ୨୬।୮(ପି.ଏନ): ବୋର୍ଡ ସାର୍ଟିଫିକେଟ୍ ଦେବା ପାଇଁ ଜଣେ ଛାତ୍ରୀଙ୍କ ବାପା ଠାରୁ ଲାଂଚ ନେବା ଅଭିଯୋଗରେ ଜଣେ ପ୍ରଧାନଶିକ୍ଷକ ଭିଜିଲାନ୍ସ ଜାଲରେ ପଡିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା କୁମଝରିଆ ଏସସି/ଏସଟି ହାଇସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଂଜୟ ସାମଲ ୧୨ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଧରା ପଡିଛନ୍ତି। ଅଭିଯୋଗ ଅନୁଯାୟୀ ଅଭିଯୋଗକାରୀଙ୍କ ଝିଅ ଚଳିତ ବର୍ଷ ମାଟ୍ରିକ୍ ପାସ୍ କରିଥିଲେ ।

## ଆଜି ଏଏସଓ ପରୀକ୍ଷା

ଭୁବନେଶ୍ୱର, ୨୬।୮(ପି.ଏନ): ଆସନ୍ତାକାଲି (ଶନିବାର)ଏଏସଓର ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ । ରାଜ୍ୟର ୩୩ଟି ଜୋନର ୪୮୨ ସେଂଟରରେ ୨ ଲକ୍ଷ ୬ ହଜାରରୁ ଅଧିକ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ୩ ଟି ସିଫ୍ଟରେ ହେବ ପରୀକ୍ଷା । ପ୍ରଥମ ପର୍ଯ୍ୟାୟରେ ସାଧାରଣ ଜ୍ଞାନ, ଦ୍ୱିତୀୟ ପର୍ଯ୍ୟାୟରେ ମେଂଟାଲ ଆବିଲିଟି ଓ ରିଜନିଂ ଏବଂ ତୃତୀୟ ପର୍ଯ୍ୟାୟରେ ଭାଷା ଓଡ଼ିଆ ଆଉ ଇଂରାଜୀ ବିଷୟ ରହିଛି ।ସମସ୍ତ ପରୀକ୍ଷାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ୩୦ ମିନିଟ୍ ସମୟ ଦିଆଯିବ ।ସୂଚନାଯୋଗ୍ୟ ଯେ ଏଏସଓ ର ଲିଖିତ ପରୀକ୍ଷା ଗତ ୨୧ ତାରିଖରେ ହେବାର ଥିଲା । ହେଲେ ରାଜ୍ୟରେ ବନ୍ୟା ସ୍ଥିତି ପାଇଁ ଏହାକୁ ଘୁଂଚାଯାଇଥିଲା । ଆସନ୍ତାକାଲି ପରୀକ୍ଷା ପାଇଁ ମୋଟ ଖୋର୍ଦ୍ଧା ଜିଲ୍ଲାରେ ୧୩୯ଟି ସେଂଟର ହୋଇଥିବାବେଳେ କେବଳ ଭୁବନେଶ୍ୱରରେ ୧୨୯ଟି ଶିକ୍ଷାନୁଷ୍ଠାନ ସାମିଲ ରହିଛି । ଛାତ୍ରଛାତ୍ରୀମାନେ ପୂର୍ବ ନିର୍ଦ୍ଧାରିତ ତାରିଖ ପାଇଁ ପାଇଥିବା ଆଡମିଟ୍ କାର୍ଡରେ ଆସନ୍ତାକାଲି ପରୀକ୍ଷା ଦେଇପାରିବେ ।

# ବହୁ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲାଂଚନେବା ବେଳେ ଭିଜିଲାନ୍ସ ହାତରେ ଗିରଫ

ରାଉରକେଲା, ୨୬।୮(ପି.ଏନ): ରାଜ୍ୟ ସରକାର ଓ ବିଭିନ୍ନ ସଂଗଠନ ଦ୍ୱାରା ବିଭିନ୍ନ ସମୟରେ ନାନା ପୁରସ୍କାର ପାଇଥିବା ଓ ଏକଦା ଶିକ୍ଷକ ସଂଗଠନର ନେତା ହୋଇଥିବା ଜଣେ ପ୍ରଧାନ ଶିକ୍ଷକ ପିଲା ମାନଙ୍କ ସାର୍ଟିଫିକେଟ ଦେବା ଲାଗି ୧୨ହଜାର ଟଙ୍କା ଲାଂଚ ନେଉଥିବା ଅଭିଯୋଗରେ ରାଉରକେଲା ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି । ସେ ହେଲେ ସୁନ୍ଦରଗଡ ଜିଲ୍ଲା କୁମଝରିଆ ଛାତ୍ରାବାସ ବିଦ୍ୟାଳୟର ପ୍ରଦାନ ଶିକ୍ଷକ ସଂଜୟ କୁମାର ସାମଲ ।ରାଉରକେଲା ଭିଜିଲାନ୍ସ ଡିଭିଜନର ସୂଚନା ଅନୁଶାରେ, କୁମଝରିଆ ଅଂଚଳରେ ମହାଦେବ ଲାକ୍ରା ନାମକ ବ୍ୟକ୍ତି ନିଜ ପିଲା ମାନଙ୍କ ମାର୍କ ସିଟ, ସାର୍ଟିଫିକେଟ ଆଦି ଆଣିବାକୁ ବିଦ୍ୟାଳୟକୁ ବାରମ୍ବାର ଦଉଡୁଥିଲେ। ହେଲେ ଏସବୁ ଲାଗି ତାଙ୍କୁ ଶ୍ରୀ ସାମଲ ୧୨ ହଜାର ଟଙ୍କା ଲାଂଚ ଦାବି କରିଥିଲେ। ଆଜି ଅପରାହ୍ନରେ ୧୨ ହଜାର ଟଙ୍କା ଲେଣ ଦେଣ ବେଳେ ରାଉରକେଲା ଭିଜିଲାନ୍ସ ଡିଭିଜନର ଅଫିସର ମାନେ ରଂଗବୋଳା ଟଙ୍କା ସହ ଶ୍ରୀ ସାମଲଙ୍କୁ ଧରିଥିବା ଜଣା ପଡିଛି । ଶ୍ରୀ ସାମଲ ଏହି ବିଦ୍ୟାଳୟରେ ରହୁଥିବା ବେଳେ ତାଙ୍କର ବିଭିନ୍ନ ସଂପର୍କୀୟ ମାନଙ୍କ ଘରେ ଭିଜିଲାନ୍ସ ଛାନଭିନ କରୁଥିବାର ଖବର ମିଳିଛି ।ଏଠାରେ ଉଲ୍ଲେଖ ଯୋଗ୍ୟ ଶ୍ରୀ ସାମଲ ଅତିତରେ ଜଣେ ଶିକ୍ଷକ ନେତା ଥିବା ବେଳେ କୁମଝରିଆ ବିଦ୍ୟାଳର ବିଭିନ୍ନ କାମ ଲାଗି ସେ ଅନେକ ପୁରସ୍କାର ମଧ୍ୟ ପାଇଛନ୍ତି। ତାଙ୍କର ପାରିବାରିକ ଝମେଲା ଲାଗି ସେ ବିଦ୍ୟାଳୟ ପାଖରେ ଥିବା ଘରେ ରହୁଥିଲେ । ଏହି ଖବର ଆଜି ପ୍ରଚାରିତ ହେବା ପରେ ସମଗ୍ର ଶିକ୍ଷା ଜିଲ୍ଲାରେ ଏହା ଆଲୋଚନାର ବିଷୟ ହୋଇଛି ।

# କୃଷକଙ୍କୁ ନେଇ ରାଜନୀତି କରୁଛନ୍ତି ମୁଖ୍ୟମନ୍ତ୍ରୀ: ଭଗୱନ୍ତ ଖୁବା

ଭୁବନେଶ୍ୱର, ୨୬।୮(ପି.ଏନ): ରାଜ୍ୟ ସରକାର ଯେତେ ପରିମାଣରେ କେନ୍ଦ୍ର ସରକାରଙ୍କୁ ସାର ମାଗିଛନ୍ତି ସେହି ପରିମାଣର ସାର କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ଚଳିତ ଅଗଷ୍ଟ ୨୫, ୨୦୨୨ମସିହା ସୁଦ୍ଧା ରାଜ୍ୟ ସରକାର ୟୁରିଆ ସାର ୦.୦୮ଏଲଏମଟି ମାଗିଥିଲେ ଓ କେନ୍ଦ୍ର ସରକାର ୨.୦୪ଏଲଏମଟି ସାର ଯୋଗାଇ ଦେଇଛନ୍ତି। ସେହିପରି ଡିଏପିରେ ୦.୩୦ଏଲଏମଟି ମାଗିଥିଲେ ୦.୫୨ଏଲଇଟି, ଏମୋପି ୦.୨୫ଏଲଏମଟି ମାଗିଥିଲେ ୦.୪୫ଏଲଏମ୍‌ଟି, ଏନପିକେଏସ ୦.୪୦ମାଗିଥିଲେ କିନ୍ତୁ ୧.୩୭କୁ କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି ବୋଲି ସାର ଓ ରସାୟନ ରାଷ୍ଟ୍ରମନ୍ତ୍ରୀ ଭଗୱନ୍ତ ଖୁବା କହିଛନ୍ତି। କୃଷକଙ୍କୁ ନେଇ ରାଜନୀତି କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶାର କୃଷକମାନଙ୍କୁ ଯେତିକି ସାର ଆବଶ୍ୟକ ତାହା କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ମିଛ କୁହନ୍ତୁ ନାହିଁ କି ତାଙ୍କ ଅଫିସରମାନଙ୍କୁ ମଧ୍ୟ ମିଛ କହିବା ପାଇଁ ବାରଣ କରନ୍ତୁ। କେନ୍ଦ୍ର ସରକାର ସାର ଓ ରସାୟନ ବିଭାଗର ୱେବସାଇଟରେ ରାଜ୍ୟମାନଙ୍କୁ ଦିଆଯାଉଥିବା ସାରର ସବୁ ଡାଟା ପ୍ରତ୍ୟେକ ଦିନ ଅପଡେଟ ହୋଇଥାଏ। କେନ୍ଦ୍ର ରାଷ୍ଟ୍ର ସାର ଓ ରସାୟନ ବିଭାଗ ମନ୍ତ୍ରୀ ଭଗବତ ଖୁବା ରାଜ୍ୟର କୃଷକମାନଙ୍କୁ ଅପିଲ କରିଛନ୍ତି ଯେ, ସାର ଅଭାବୀ ଖବରକୁ ବିଶ୍ୱାସ ନକରନ୍ତୁ। ନିର୍ଦ୍ଧାରିତ ଦରଠାରୁ ଅଧିକ ଦାମ ଦିଅନ୍ତୁ ନାହିଁ।

# କୋଟିଆ ସମେତ ୧୦ଟି ନୂଆ ସ୍ଥାନରେ ହେବ ଇକୋ-ରିଟ୍ରିଟ୍

ଭୁବନେଶ୍ୱର, ୨୬।୮(ପି.ଏନ): ଓଡିଶା ସୀମାରେ ଥିବା କୋରାପୁଟ ଜିଲ୍ଲାର କୋଟିଆ ଗ୍ରାମପୁଞ୍ଜ ଉପରେ ଆନ୍ଧ୍ରପ୍ରଦେଶ ସରକାର ନିଜର ମାଲିକାନା ଜାହିର କରି ବିଭିନ୍ନ ଗତିବିଧି ଜାରି ରଖିଥିବାବେଳେ ଓଡିଶା ସରକାର 'କୋଟିଆ ଗ୍ରାମପୁଞ୍ଜ'କୁ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ଆଉ ୧୦ଟି ନୂଆ ଇକୋ ରିଟ୍ରିଟ୍ ସ୍ଥଳୀରେ କୋଟିଆକୁ ସାମିଲ କରାଯାଇଛି । ଏହାସହିତ ଅନ୍ୟ ୩ଟି ସ୍ଥାନକୁ ନେଚର କ୍ୟାମ୍ପ ଭାବେ ମଧ ବିକଶିତ ପାଇଁ ନିଷ୍ପତ୍ତି ନିଆଯାଇଛି ।ରାଜ୍ୟ ମୁଖ୍ୟ ସଚିବ ସୁରେଶ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ରାତିରହଣୀ ସହ ଇକୋ ରିଟ୍ରିଟ୍ ସ୍ଥଳୀ ଭାବେ ବିକଶିତ କରିବାକୁ ୧୦ଟି ନୂଆ ସ୍ଥାନକୁ ଅନୁମତି ଦିଆଯାଇଛି । ଏହାସହିତ ଦିନରେ ପର୍ଯ୍ୟଟକଙ୍କ ବୁଲିବା ପାଇଁ ୩ଟି ନେଚର କ୍ୟାମ୍ପ ମଧ ବିକଶିତ କରାଯିବ । ଏହି ନୂଆ ପର୍ଯ୍ୟଟନସ୍ଥଳୀକୁ ବିକଶିତ କରିବା ନିମନ୍ତେ ପ୍ରସ୍ତାବକୁ ଅନୁମୋଦନ କରି ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ସେସବୁ ସ୍ଥାନରେ ଆବଶ୍ୟକ ଭିତ୍ତିଭୂମି ସୁବିଧା



କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପର୍ଯ୍ୟଟକଙ୍କ ଆତିଥ୍ୟ ଦେବା ନିମନ୍ତେ ସ୍ଥାନୀୟ ଲୋକଙ୍କୁ ସାମିଲ କରିବାକୁ ସେ ବିଭାଗଗୁଡିକୁ ପରାମର୍ଶ ଦେଇଛନ୍ତି । ଯାହାଫଳରେ ସେମାନଙ୍କ ଜୀବନଜୀବିକା ନିର୍ବାହ ହୋଇପାରିବ ।ଯେଉଁ ୧୦ଟି ନୂଆ ସ୍ଥାନକୁ ଇକୋ-ରିଟ୍ରିଟ୍ ପାଇଁ ଚିହ୍ନଟ କରାଯାଇଛି , ସେଗୁଡିକ ହେଲା କୋରାପୁଟର କୋଟିଆ ସମେତ କୋରାପୁଟର ଦେଓମାଳି ପାହାଡ, କଳାହାଣ୍ଡିର ଜକାମ, ଉତ୍ତର ଶିମିଳିପାଳର ନୟାଣା, ଫୁଲବାଣୀର ସିଲଭିକଲଚର ଗାର୍ଡେନ, ପୁରୀର ଅସ୍ତରଙ୍ଗ ମୁହାଣ, ରାଇରଙ୍ଗପୁରର ଖାଡଖାଇ, ଗଞ୍ଜାମର ମହେନ୍ଦ୍ରଗିରି(ବ୍ରହ୍ମପୁର ସାଇଡ୍ ), କେନ୍ଦୁଝରର କାଞ୍ଜିପାଣି ଘାଟ ଓ ଦହଗଡ ଡ୍ୟାମରେ ଇକୋରିଟ୍ରଟ୍ ଓ ରାତିରହଣୀର ସୁବିଧା ହେବ । ସେହିପରି ଦିନରେ ବୁଲିବା ନିମନ୍ତେ ପର୍ଯ୍ୟଟକଙ୍କ ପାଇଁ କୋରାପୁଟର ରାଣୀ ଡୁଡୁମା, କଟକର ଧଳତଙ୍ଗଗଡ ଓ ନୟାଗଡ ଜଙ୍ଗଲ ଡିଭିଜନର ଝାଡ ?ଶ୍ୱରୀ ମନ୍ଦିର ନିକଟସ୍ଥ ଭଣ୍ଡାରପହରକୁ ନୂଆ ନେଚର କ୍ୟାମ୍ପ ଭାବେ ବିକଶିତ କରିବାକୁ ନିଷ୍ପତ୍ତି ହୋଇଛି ।ବୈଠକରେ ବନ୍ୟପ୍ରାଣୀ ପିସିସିଏଫ ଶଶୀ ପଲ୍ କହିଥିଲେ ଯେ, ରାଜ୍ୟରେ ଏବେ ୫୦ଟି ଇକୋ ରିଟ୍ରିଟ୍ ସ୍ଥଳୀ ଓ ନେଚର କ୍ୟାମ୍ପ ରହିଛି । ଏହି ୧୩ଟି ନୂଆ ପର୍ଯ୍ୟଟନ ସ୍ଥାନର ଅନୁମୋଦନ ପରେ ଏହି ସଂଖ୍ୟା ୬୩କୁ ବୃଦ୍ଧି ପାଇଛି । ଏସବୁ ସ୍ଥାନକୁ ବୁଲିଯିବା ପାଇଁ ଅନଲାଇନ୍ ବୁକିଂ ବ୍ୟବସ୍ଥା ରହିଛି । ତଥା ଏପର୍ଯ୍ୟନ୍ତ ଏସବୁ ଇକୋ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ୯୫କୋଟି ଟଙ୍କା ଖର୍ଚ୍ଚ କରାଗଲାଣି ।ସମୀକ୍ଷାରୁ ଜଣାପଡିଥିଲା ଯେ, ଗତ ୫ବର୍ଷ ମଧ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟାରେ ୧୪୨ ପ୍ରତିଶତ ବୃଦ୍ଧି ହୋଇଛି । ୨୦୧୭-୧୮ରେ ପର୍ଯ୍ୟଟକଙ୍କ ସଂଖ୍ୟା ୧୧୫୦୦ ଥିବାବେଳେ ଏହା ୨୦୨୦-୨୧ରେ ୫୭ହଜାରକୁ ବୃଦ୍ଧି ପାଇଛି । ୨୦୨୧-୨୨ରେ ଏହା ୭୦୨୧୬କୁ ବଢ଼ିଛି । ସେହିପରି ଇକୋ ପର୍ଯ୍ୟଟନରୁ ୨୦୧୭-୧୮ରେ ରାଜସ୍ୱ ୩.୪୦କୋଟି ଟଙ୍କା ମିଳୁଥିବାବେଳେ ୨୦୨୧-୨୨ରେ ଏହା ୧୦.୫୨କୋଟି ଟଙ୍କାକୁ ବୃଦ୍ଧି ପାଇଛି ।ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କ ସମେତ ଜଙ୍ଗଲ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରଞ୍ଜମାଳ ପଂଚାୟତରେ ମୋ ସ୍କୁଲ ଅଭିଯାନରେ ଅନିୟମିତତା

ଭଦ୍ରକ, ୨୬।୮(ପି.ଏନ): ଭଦ୍ରକ ଜିଲା ଧାମରା ନିକଟସ୍ଥ କରଞ୍ଜମାଳ ପଂଚାୟତରେ ଥିବା ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ମୋସ୍କୁଲ ଅଭିଯାନରେ ଅନିୟମିତା ହେଉଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ଖବରରୁ ଜଣାଯାଇଛି ଏହି ବିଦ୍ୟାଳୟ ପାଇଁ ୫ଟିରେ ୩୮ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ମୋସ୍କୁଲ ଅଭିଯାନରେ ୫୮ଲକ୍ଷ ଟଙ୍କା ର କାର୍ଯ୍ୟଦେଶ ହୋଇଛି। ମୋସ୍କୁଲ ଅଭିଯାନରେ କାର୍ଯ୍ୟ ଚାଲିଥିବା ବେଳେ ବିଦ୍ୟାଳୟ ସମ୍ମୁଖରେ ପାଣି ଜମି ରହୁଥିବାରୁ ଛାତ୍ରାଛାତ୍ରୀ ବିଦ୍ୟାଳୟକୁ ଯାତାୟତ କରିବାରେ ଅସୁବିଧା ହେଉଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଂପୃକ୍ତ ଠିକାଦାରଙ୍କୁ ବର୍ଷା ଦିନରେ ଏହି ଖାଲୁଆ ଥିବା ସ୍ଥାନକୁ ପୋତିବା ପାଇଁ କହିଥିଲେ। ମାତ୍ର ସଂପୃକ୍ତ ଠିକାଦାର ଏହି ସ୍ଥାନକୁ ବାଲି ବଦଳରେ ପଙ୍କୁଆ ମାଟି ଆଣି ବିଦ୍ୟାଳୟ ବନ୍ଦ ଥିବା ସମୟରେ ପୋତିଥିଲେ। କେଉଁ ପରିସ୍ଥିତିରେ ବାଲି ବଦଳରେ ପଙ୍କ ଆଣି ପୋତିଛନ୍ତି ବୋଲି ସଂପୃକ୍ତ ବିଦ୍ୟାଳୟ ପରିଚାଳନା କମିଟି ର ସଂପାଦକ ଏବଂ ସଭ୍ୟ ସଂପୃକ୍ତ ଠିକାଦାରଙ୍କୁ ପ୍ରଶ୍ନ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ସଂପୃକ୍ତ ଠିକାଦାର ବିଦ୍ୟାଳୟ ପରିଚାଳନା କମିଟିର ସଂପାଦକ ଏବଂ ସଭ୍ୟ ମାନଙ୍କୁ ସେମାନଙ୍କ ଆଧାରକାର୍ଡ ହ୍ୱାଟସଆପରେ ପଠାଅ ମୁଁ ଦେଖିବି ତୁମେ ମୋର କଣ କରିବ ବୋଲି କହିଥିଲେ। ପରେ ସଂପୃକ୍ତ ପରିଚାଳନା କମିଟି ଏବଂ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାନ୍ଦବାଲି ବିଡିଓ ଏବଂ କରଞ୍ଜମାଳ ପଂଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ଅଭୟ ଜେନାଙ୍କୁ ଯୋଗାଯୋଗ କରି ଏହି ଅନିୟମିତତା ବିଷୟରେ ଅଭିଯୋଗ କରିଥିଲେ। ଆଜି ସଂପୃକ୍ତ କନିଷ୍ଠଯନ୍ତ୍ରୀ ଅଭୟ ଜେନା ଆସି ବିଦ୍ୟାଳୟରେ ଚାଲିଥିବା ମୋସ୍କୁଲ ଅଭିଯାନ କାର୍ଯ୍ୟ ଠିକ ହୋଇନାହିଁ ବୋଲି ବିଦ୍ୟାଳୟ ପରିଚାଳନା କମିଟି ଏବଂ ବିଦ୍ୟାଳୟର ଶିକ୍ଷକ ମାନଙ୍କୁ କହିଥିଲେ, ପରେ ସଂପୃକ୍ତ ଠିକାଦାରଙ୍କୁ ବିଦ୍ୟାଳୟ ସମ୍ମୁଖରେ ପଡିଥିବା ପଙ୍କୁଆ ମାଟିକୁ ଉଠାଇ ନେଇ ଫିଲିଂ ବାଲି ପକାଇବାକୁ କହିଥିଲେ। କନିଷ୍ଠଯନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସଂପୃକ୍ତ ଠିକାଦାର ୩୦ଟ୍ରିପ ପଙ୍କୁଆ ମାଟି ନେଇ କଣ କରିବେ ଅଥବା ସେହି ପଙ୍କୁଆ ମାଟି ଉପରେ ବାଲି ପକାଇ ଫିଲିଂ କରିବେ ତାହା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅନ୍ୟ ପକ୍ଷରେ ସଂପୃକ୍ତ କନିଷ୍ଠଯନ୍ତ୍ରୀଙ୍କୁ ବିଦ୍ୟାଳୟ ଆଗରେ କେତେ ଟ୍ରିପ ମାଟି ପଡିଛି ବୋଲି ପଚାରିବାରୁ ସେ ତାଙ୍କ ଉତରରେ ଠିକାଦାରଙ୍କୁ ସପୋର୍ଟ କରି ୫ଟ୍ରିପ ମାଟି ପଡିଛି ବୋଲି କହିଥିଲେ। କେଉଁ ପରିସ୍ଥିତିରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ସଂପୃକ୍ତ ଠିକାଦାରଙ୍କୁ ଘଂଟ ଘୋଡାଇ ଚାଲିଛନ୍ତି ତାହା ମଧ୍ୟ ଚର୍ଚ୍ଚା ଚାଲିଛି। ଗୋଟିଏ ପଟରେ ବିଦ୍ୟାଳୟ ଆଗରେ ୩୦ ଟ୍ରିପ ପଙ୍କ ପଡିଥିବା କଥା ବିଦ୍ୟାଳୟ ପରିଚାଳନା କମିଟ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ କହୁଥିବା ବେଳେ କନିଷ୍ଠଯନ୍ତ୍ରୀ ୫ଟ୍ରିପକଥା କହି କଥା ଏଡାଇ ଗଲେ ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ଜିଲ୍ଲାପାଳ ଦୃଷ୍ଟିଦେବାକୁ ଦାବୀ ହେବା ସହ ପଙ୍କ ବଦଳରେ ବାଲି ଫିଲିଂ କରି ମୋସ୍କୁଲ ଅଭିଯାନରେ ଥିବା ୫୮ଲକ୍ଷ ଟଙ୍କାର କାର୍ଯ୍ୟ ଠିକ ଭାବେ କରିବାକୁ ଅଂଚଳବାସୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଦାବୀ ଜଣାଇଛି।


CSB Bank

**PUBLIC NOTICE ON AUCTION OF PLEDGED GOLD ORNAMENTS**

The borrower/s in specific and interested bidders in general are hereby informed that on account of non-repayment of Bank's dues by the borrowers as under despite the payment notice and recall/auction notice issued by the Bank, the gold ornaments pledged with the bank as security by the respective borrowers for the loans availed by them will be sold in public auction on "as is where is" and "non- recourse" basis through e-auction portal http://csbgold.auctiontiger.net on 02nd September, 2022 at 03:00 p.m . The auction may be adjourned to any other later date at the discretion of the bank upon publication of the same in the Bank's notice board. The borrowers are hereby further informed that the gold ornaments will be disposed off by private sale if the public auction is not successful and if there is a further balance to be recovered thereafter, legal action will be initiated against the borrower/s for recovery of the balance amounts due to the bank.

| S.No. | Branch | Account Name | Client ID | No. of Acc. | Bal. Outstanding as on 25-08-2022 | Weight (grams) |
|---|---|---|---|---|---|---|
| 1 | Bhubaneswar | RANJANA MALLICK | 4077169 | 1 | 430674.81 | 108.9 |

For more details/account wise information borrowers/interested bidders may contact respective branches and for participating in the auction, please visit/login to the e-auction portal http://csbgold.auctiontiger.net

Authorised Officer
CSB Bank

Odisha | August 27, 2022








# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

## ପୁରାଣ କାହାଣୀ

# ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

# ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣ। ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୂଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡ଼ିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।




# ବିଦ୍ୟୁତ୍ ବିଜ୍ଞାନର ଜନକ-ଫାରାଡ଼େ

**ଅକ୍ଷୟ କୁମାର ରାଉତ**

ସୂର୍ଯ୍ୟୋଦୟ ଭଳି ବିଜ୍ଞାନର ଅଭ୍ୟୁଦୟ ଫଳରେ ମନୁଷ୍ୟ ସମାଜରୁ ସେହି ସମସ୍ତ ଅଜ୍ଞତା, ଅନ୍ଧବିଶ୍ୱାସ, ଅନ୍ଧାଚାର, କୁସଂସ୍କାର ଓ ଅନ୍ଧକାର କାହିଁ ଅନ୍ତର୍ଦ୍ଧାନ ହୋଇଯାଇଅଛି। ବିଜ୍ଞାନର ଲକ୍ଷ୍ୟ ହେଲା ସତ୍ୟର ଅନୁସନ୍ଧାନ ଓ ସତ୍ୟର ପ୍ରତିଷ୍ଠା ଏବଂ ପ୍ରକୃତି ଜଗତର ସମସ୍ତ ରହସ୍ୟର ବାସ୍ତବ ଉଦ୍‌ଘାଟନ ତଥା ସମସ୍ତ ଇନ୍ଦ୍ରିୟଲବ୍ଧ ଅଭିଜ୍ଞତାଗୁଡ଼ିକ ମଧ୍ୟରେ ତିଷ୍ଠି ରହିଥିବା ସୁନିୟନ୍ତ୍ରିତ ସମ୍ବନ୍ଧସୂତ୍ରର ଆବିଷ୍କରଣ। ବିଜ୍ଞାନର ଆବିଷ୍କାର ଓ ଉଦ୍ଭାବନ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ଜୀବଜଗତର ହିତ ନିମନ୍ତେ ଉପଲବ୍ଧ ହୋଇଥାଏ। ବିଦ୍ୟୁତ୍ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଯେଉଁ ମହାନ୍ ପୁରୁଷଙ୍କୁ ଆମେ ବିଦ୍ୟୁତ୍ ବିଜ୍ଞାନର ଜନକ କହୁଅଛେ, ସେ ହେଉଛନ୍ତି ମାଇକେଲ ଫାରେଡ଼େ।



ମାଇକେଲ ଫାରେଡ଼େ ୧୭୯୧ମସିହା ସେପ୍ଟେମ୍ବର ମାସ ୨୨ ତାରିଖ ଦିନ ଲଣ୍ଡନର ଏକ ଗରିବ କମାର ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ହେଉଛି ଜେମ୍‌ସ ଫାରାଡ଼େ ଓ ମାତାଙ୍କ ନାମ ମାର୍ଗାରେଟ୍ ହାଷ୍ଟୱେଲ୍। ଚାରୋଟି ସନ୍ତାନ ମଧ୍ୟରେ ମାଇକେଲ ଫାରାଡ଼େ ହେଉଛନ୍ତି ତୃତୀୟ ସନ୍ତାନ। ଏକ ସ୍ଥାନୀୟ ବିଦ୍ୟାଳୟରେ ମାଇକେଲେ ପ୍ରାଥମିକ ସ୍ତରରେ ଲେଖିବା, ପଢିବା ଓ କିଛି ପାଟୀଗଣିତ ଶିକ୍ଷା କରିଥିଲେ। ଦାରିଦ୍ର୍ୟ ତାଙ୍କୁ ୧୩ ବର୍ଷ ବୟସରେ ପାଠପଢାରେ ଡ଼ୋର ବାନ୍ଧି ଦେଇଥିଲା। ତେଣୁ ସେ ଜର୍ଜ ରିବିୟାନ୍‌ଙ୍କ ବହି ଦୋକାନରେ ଚାକିରି ଜୀବନ ଆରମ୍ଭ କଲେ। ଫାରାଡ଼େଙ୍କ କାମ ଥିଲା ସେ ଗୋଟିଏ ଗ୍ରାହକ ପାଖରୁ ଖବରକାଗଜ ନେଇ ଅନ୍ୟ ଜଣେ ଗ୍ରାହକଙ୍କୁ ଦେବେ। ମାଲିକ ରିବିୟାନ୍ ବର୍ଷକ ପରେ ତାଙ୍କ କାମରେ ଖୁସି ହୋଇ ବହିବନ୍ଧା କାମ ଶିକ୍ଷା ଦେଲେ। ଦାରିଦ୍ର୍ୟ ଯୋଗୁଁ ଫାରାଡ଼େ ଅଧିକ ଶିକ୍ଷା ଗ୍ରହଣ କରିପାରି ନ ଥିଲେ, କିନ୍ତୁ ସେ ବହି ବନ୍ଧେଇ କରିବା ପୂର୍ବରୁ ସେହି ବହିଗୁଡ଼ିକୁ ପଢୁଥିଲେ। ମାର୍ସେଫ୍‌ଙ୍କ ରଚିତ ରସାୟନ ବିଜ୍ଞାନ ପୁସ୍ତକ ଓ ଏନ୍‌ସାଇକ୍ଲୋପିଡ଼ିଆ ବ୍ରିଟାନିକା ଏହି ଦୁଇଟି ପୁସ୍ତକ ତାଙ୍କୁ ପ୍ରଭାବିତ କରିଥିଲା। ଫାରାଡ଼େଙ୍କୁ ମାଲିକ୍ ରିବିୟାନ ବହି ପଢିବା ପାଇଁ ଉତ୍ସାହିତ କରୁଥିଲେ। ବହିପଢା ପ୍ରତି ଏତେ ନିଷ୍ଠା ଯୋଗୁ ସେ ଇଣ୍ଟ୍ରୋଡ଼କ୍‌ସନ ଟୁ କେମେଷ୍ଟ୍ରିର ୪ଟିଯାକ ପୁସ୍ତକ କିଣିଲେ। ଏଥିରୁ ସେ ନିଜର ମତାମତ ଓ ବିବରଣୀକୁ ସଂଗଠିତ କରି ଦି ଫିଲୋସଫିକ୍ ମିସେଲାନୀ ନାମରେ ଏକ ପୁସ୍ତକ ଲେଖିଥିଲେ। ପିତାଙ୍କ ମୃତ୍ୟୁ ପରେ ଫାରାଡ଼େ ଭାଇ ରବଟଙ୍କଠାରୁ ପଇସା ନେଇ ସିଟି ଫିଲୋସୋଫିକାଲ ସୋସାଇଟି ଦ୍ୱାରା ଆୟୋଜନ ହେଉଥିବା ବିଜ୍ଞାନ ଆଲୋଚନାରେ ଏକ ଶିଲିଙ୍ଗ ଦେଇ ଟିକେଟ ନେଇ ଶୁଣିବାକୁ ଯାଉଥିଲେ। ତାଙ୍କର ବନ୍ଧୁ ବୋମିନ୍ ଆବଟ୍ ଓ ଏଡ଼ୱାର୍ଡ଼ ମାଗ୍ରାଥ୍‌ଙ୍କ ସାହାଯ୍ୟରେ ଆଲୋଚନାରେ ଭାଗନେବାକୁ ସେ ନିଜକୁ ପ୍ରସ୍ତୁତ କରିପାରିଥିଲେ।

ବିଜ୍ଞାନର ପ୍ରଚାର ଓ ପ୍ରସାର ପାଇଁ ୧୭୯୯ ମସିହାରେ ରୟାଲ୍ ଇନଷ୍ଟିଚ୍ୟୁସନ୍ ଲଣ୍ଡନରେ ସ୍ଥାପିତ ହେଲା। ଲାଫିଙ୍ଗ ଗ୍ୟାସ୍ ପ୍ରସ୍ତୁତକର୍ତ୍ତା ସାର୍ ହମ୍ଫ୍ରି ଡ଼ାଭେ ୧୮୦୨ ମସିହାରେ ମାତ୍ର ୨୪ ବର୍ଷ ବୟସରେ ରୟାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ପ୍ରଫେସର ପଦରେ ଯୋଗଦେଲେ। ମାଇକେଲ ଫାରାଡ଼େ ଏକ ଚିଠି ସହିତ ପ୍ରସ୍ତୁତ କରିଥିବା ଡାଭେଙ୍କ ଭାଷଣର ସାରାଂଶର ନକଲ ଡାଭେଙ୍କ ନିକଟକୁ ପଠାଇଲେ। ଫାରାଡ଼େଙ୍କ ବିଜ୍ଞାନ ପ୍ରତି ଆଗ୍ରହ, ତୀକ୍ଷ୍ଣ ଶ୍ରୁତିଶକ୍ତିକୁ ଅତିଶୟ ପ୍ରଶଂସା କରିଥିଲେ ଡ଼ାଭେ। ୧୮୧୩ ମସିହାରେ ଫାରାଡ଼େ ରୟାଲ ଇନିଷ୍ଟିଚ୍ୟୁଟ୍‌ରେ ଗୋଟିଏ ପରୀକ୍ଷାଗାର ସହାୟକ ପଦରେ ନିଯୁକ୍ତ ହେଲେ। ଦରମା ଥିଲା ମାସକୁ ୨୫ ଶିଲିଙ୍ଗ। ଫାରାଡ଼େ ନିରନ୍ତର ଡ଼ାଭେଙ୍କ ପାଖରେ ରହି ସମସ୍ତ ପରୀକ୍ଷା ଦେଖୁଥିଲେ ଏବଂ ଏହାର ସିଦ୍ଧାନ୍ତକୁ ନିଜେ ବିଶ୍ଳେଷଣ କରୁଥିଲେ।

ଡାଭେ ସସ୍ତ୍ରୀକ ୟୁରୋପ ଭ୍ରମଣରେ ବାହାରିଥିଲେ। ସେ ଫାରାଡ଼େଙ୍କୁ ସହାୟକ ଭାବେ ନେବାକୁ ସ୍ଥିର କଲେ। ଫାରାଡ଼େ ଚାକିରିରୁ ଇସ୍ତଫା ଦେବେ ଓ ଫେରିବା ପରେ ଫାରାଡ଼େଙ୍କୁ ପୁନଶ୍ଚ ଚାକିରି ଦେବା ପାଇଁ ଡ଼ାଭେ ପ୍ରତିଶ୍ରୁତି ଦେଲେ। ଡ଼ାଭେଙ୍କ ସ୍ତ୍ରୀ ଜେନ୍ ଡ଼ାଭେଙ୍କ ପରିଚାରିକା ନଯିବାରୁ ଫାରାଡ଼େ ପରିଚାରିକା କାର୍ଯ୍ୟ ମଧ୍ୟ କରିବାକୁ ରାଜି ହେଲେ। ଏହି ଭ୍ରମଣ ସମୟରେ ଫାରାଡ଼େ ବିଦେଶୀ ବୈଜ୍ଞାନିକମାନଙ୍କୁ ଭେଟୁଥିଲେ ଓ ବୈଜ୍ଞାନିକ ପରୀକ୍ଷାରେ ଅଂଶଗ୍ରହଣ କରୁଥିଲେ।

ଡ଼ାଭେ ଫାରାଡ଼େଙ୍କୁ ଜଣେ ସହଯୋଗୀ ଭାବେ ଉପସ୍ଥାପିତ କରୁଥିଲେ। ଫାରାଡ଼େ ଭ୍ରମଣ ସମୟରେ ଫରାସୀ ଭାଷା ଶିକ୍ଷା କରିଥିଲେ। ସେ ଡ଼ାଭେଙ୍କ ସହଯୋଗୀ ଭାବେ ପ୍ରକୃତ ବିଜ୍ଞାନ କାର୍ଯ୍ୟ କରିଥିଲେ, ଫଳରେ ନିଜକୁ ସେ ଜଣେ ବୈଜ୍ଞାନିକ ଭାବେ ଭବିଷ୍ୟତରେ ପ୍ରତିପାଦିତ କରିପାରିଥିଲେ। ଭ୍ରମଣରୁ ଫେରିବା ପରେ ଫାରାଡ଼େ ଉପକରଣ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି ପାଇ ସପ୍ତାହକୁ ୩୦ ଶିଲିଙ୍ଗ୍ ଦରମା ପାଇଲେ।

ରୟାଲ ଇନ୍‌ଷ୍ଟିଚ୍ୟୁସନ୍‌ରେ କାମ କରିବା ସମୟରେ ନିଜର ଚେଷ୍ଟା, କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇପାରିଥିଲେ। ୧୮୧୬ ମସିହାରେ କଷ୍ଟିକ୍ ସୋଡ଼ା ଉପରେ ଏକ ନିବନ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶ କରିଥିଲେ। ୧୮୨୦ ମସିହା ସୁଦ୍ଧା ସେ ୩୭ଟି ମୌଳିକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରି ନିଜର ବୈଜ୍ଞାନିକ ଆତ୍ମବିଶ୍ୱାସକୁ ପ୍ରମାଣିତ କରିଥିଲେ। ୧୮୧୬ ମସିହା ଜାନୁଆରୀ ମାସ ୧୭ ତାରିଖରେ ଫିଲୋସୋଫିକାଲ ସୋସାଇଟିରେ ପ୍ରଥମ ସାରଗର୍ଭକ ବକ୍ତୃତା ଦେଇ ଦେଶରେ ପ୍ରସିଦ୍ଧି ଲାଭ କଲେ। ୧୮୨୧ ମସିହା ଜୁନ ମାସ ୧୨ ତାରିଖ ଦିନ ଫାରାଡ଼େଙ୍କ ବିବାହ ସାରାହ ବର୍ଣ୍ଣଡ଼ ସହିତ ହୋଇଥିଲା। ସୁଖପୂର୍ଣ୍ଣ ଦାମ୍ପତ୍ୟ ଜୀବନରେ ତାଙ୍କର ସନ୍ତାନ ନଥିଲେ। ସେ ପୁତୁରା ଓ ଝିଆରୀମାନଙ୍କୁ ନିଜ ପିଲା ଭଳି ଦେଖୁଥିଲେ। ୧୮୨୫ ମସିହାରେ ବେନିଜୁ ଆବିଷ୍କାର କରି



ତାହାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରିଥିଲେ।

୧୮୨୩ ମସିହା ମେ' ମାସରେ ବୈଜ୍ଞାନିକମାନେ ରୟାଲ ସୋସାଇଟିର ସଭ୍ୟ ପାଇଁ ମାଇକେଲ ଫାରାଡ଼େଙ୍କ ନାମ ସୁପାରିଶ କଲେ। ୧୮୨୩ ମସିହା ଡିସେମ୍ବର ମାସରେ ଫାରାଡ଼େ ଗୋଟିଏ ବିଦ୍ୟୁତ୍‌ବାହୀ ତାରର ଗୁଣ ଚୁମ୍ବକର ଗୁଣ ସହ ସମାନ ରହୁଛି, ଏହାକୁ ଯଦି ମୁକ୍ତ ଭାବରେ ଝୁଲାଇ ରଖିବା, ଏହା ଉତର ଓ ଦକ୍ଷିଣ ଦିଗକୁ ମୁହଁ କରି ରହିବ ବୋଲି ଆବିଷ୍କାର କରିଥିଲେ। ତାଙ୍କର ସାଧନା, ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ସେ ୩୩ ବର୍ଷ ବୟସରେ ୧୮୨୫ ମସିହା ଫେବୃଆରୀ ମାସ ୭ ତାରିଖରେ ରୟାଲ୍ ଇନ୍‌ଷ୍ଟିଚ୍ୟୁସନ୍‌ର ନିର୍ଦ୍ଦେଶକ ପଦରେ ଯୋଗ ଦେଇଥିଲେ। ୧୮୨୫ରୁ ୧୮୬୨ ମଧ୍ୟରେ ସେ ଏକଶହରୁ ଅଧିକ ବକ୍ତୃତା ଦେଇଥିଲେ। ଶିଳ୍ପ ଅନୁଷ୍ଠାନକୁ ଦେଉଥିବା ପରାମର୍ଶ ଓ ସାହାଯ୍ୟ ଦ୍ୱାରା ରୟାଲ ଇନିଷ୍ଟିଚ୍ୟୁସନ୍‌ର ଆୟ ବୃଦ୍ଧି ଘଟିଥିଲା। ୧୮୩୧ ମସିହା ଅଗଷ୍ଟ ମାସ ୨୯ ତାରିଖରେ ଫାରାଡ଼େ ବିଦ୍ୟୁତ୍ ଚୁମ୍ବକୀୟ ପ୍ରେରଣା ତତ୍ତ୍ୱ ଆବିଷ୍କାର ସହ ଏକସଙ୍ଗରେ ଟ୍ରାନ୍‌ସଫର୍ମର ଓ କିଛିଦିନ ପରେ ଡ଼ାଇନାମୋର ଉଦ୍ଭାବନ କରିଥିଲେ। ବ୍ରିଟେନର ପ୍ରଧାନମନ୍ତ୍ରୀ ସାର ରବର୍ଟ ପିଲ୍ ଫାରାଡ଼େଙ୍କୁ ବିଜ୍ଞାନ ପ୍ରତି ଅବଦାନ ଯୋଗୁଁ ତାଙ୍କୁ ପେନ୍‌ସନ୍ ଦେବାକୁ ଘୋଷଣା କରିଥିଲେ। କିନ୍ତୁ ପେନ୍‌ସନ୍ ମିଳିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଲର୍ଡ ମେଲ୍‌ବୋର୍ଣ୍ଣ ପେନ୍‌ସନ୍ ଦେଲେନାହିଁ। ପରେ ପ୍ରଧାନମନ୍ତ୍ରୀ କ୍ଷମା ମାଗି ପେନ୍‌ସନ୍ ବ୍ୟବସ୍ଥା କରିଥିଲେ।

ସେ ନିଜ ଚେଷ୍ଟା ଓ ପରିଶ୍ରମ ବଳରେ ବିଦ୍ୟାଳୟ ଶିକ୍ଷା ଶେଷ କରି ମଧ୍ୟ ପୃଥିବୀର ଜଣେ ବିଶିଷ୍ଟ ବୈଜ୍ଞାନିକ ହୋଇପାରିଥିଲେ। ସେ ବିଦ୍ୟୁତ୍ ମୋଟର୍, ଜେନେରେଟର ଓ ଟ୍ରାନ୍‌ସଫର୍ମରର ସୂତ୍ର ଆବିଷ୍କାର କରିବା ପରେ ବ୍ୟାବସାୟିକ ନିର୍ମାଣ ପ୍ରତି ଦୃଷ୍ଟି ଦେଇନଥିଲେ। ସେ ବଳରେଖା ସମ୍ବନ୍ଧରେ ଏକ ପ୍ରବନ୍ଧ ପ୍ରକାଶ କରିଥିଲେ। ତାଙ୍କ ଦ୍ୱାରା ରଚିତ 'Experimental Researches in chemistry and physics' ଏବଂ 'The Chemical History of a Candal' ପୁସ୍ତକଗୁଡ଼ିକ ବିଜ୍ଞାନ ସାହିତ୍ୟକୁ ଅମର ଅବଦାନ।

ମାଇକେଲ ଫାରାଡ଼େଙ୍କର ମହାପ୍ରୟାଣ ୧୮୬୭ ମସିହା ଅଗଷ୍ଟ ମାସ ୨୫ ତାରିଖରେ ହୋଇଥିଲା, କିନ୍ତୁ ତାଙ୍କର ବିଦ୍ୟୁତ୍ ପ୍ରଯୁକ୍ତି ବିଦ୍ୟାର ଅବଦାନକୁ ସାରା ସଂସାର ବିଦ୍ୟୁତ୍ ବିଜ୍ଞାନର ଜନକ ଭାବରେ ମନେରଖିବ।

***-ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫***

# ନଭେମ୍ବର ୨୧ରେ ଡ଼ ହରେକୃଷ୍ଣ ମହତାବ ଜୟନ୍ତୀ ପ୍ରସ୍ତୁତି



ଭୁବନେଶ୍ୱର (ପିଏନ୍): ରାଜ୍ୟସ୍ତରୀୟ ୧୨୩ତମ ଡ଼ ହରେକୃଷ୍ଣ ମହତାବ ଜୟନ୍ତୀ ରାଜଧାନୀରେ ଧୁମ୍‌ଧାମ୍‌ରେ ପାଳିତ ହେବ। ଏଥିନେଇ ଏକ ପ୍ରସ୍ତୁତି ବୈଠକ ପୁରୁଣା ଭୁବନେଶ୍ୱର ଗୁଆଝରଠାରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ ତଥା ବିଧାୟକ ସୁରେଶ କୁମାର ରାଉତରାୟ ସୂଚନା ଦେଇ କହିଛନ୍ତି ଯେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ, ଭାରତର ସ୍ୱାଧୀନତା ଓ ବିଶେଷ କରି ଓଡ଼ିଶାର ସାମଗ୍ରୀକ ବିକାଶ ଦିଗରେ ଡ଼ ମହତାବଙ୍କ ଭୂମିକା ଅତୁଳନୀୟ। ରାଜଧାନୀ ପ୍ରତିଷ୍ଠା ଦିଗରେ ଏବଂ ଓଡ଼ିଶାର ପ୍ରଗତି ଦିଗରେ କୃତି ଓ କୀର୍ତ୍ତି ଅବିସ୍ମରଣୀୟ। ତାଙ୍କର ଜନ୍ମଦିବସ ନଭେମ୍ବର ୨୧ ତାରିଖରେ ପୂର୍ବାହ୍ନରେ ପିଏଜି ଛକଠାରେ ରାଜ୍ୟସ୍ତରୀୟ ସାଧାରଣ ସଭା କରାଯିବ। ଏଥିରେ ମହାମହିମ ରାଜ୍ୟପାଳ ଗଣେଷୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ବିକ୍ରମ ଆରୁଖ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ପିସିସି ସଭାପତି ଶରତ ପଟ୍ଟନାୟକ ଓ ରାଜ୍ୟର ବହୁ ମନ୍ତ୍ରୀ ଯୋଗଦେବେ। ସେଠାରୁ ଏକ ପାଇକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ରାମେଶ୍ୱର ମନ୍ଦିରକୁ ଯିବ। ପୂର୍ବଦିନ ଗୁଆଝର ପ୍ରତିଯୋଗିତାରେ ଭାଗ ନେଇଥିବା ପାଇକମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ସନ୍ଧ୍ୟାରେ ବଡ଼େଇବାଙ୍କ ଛକଠାରେ ମେଲୋଡ଼ି ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ମହତାବ ସମ୍ମାନ ପ୍ରଦାନ କରାଯିବା ସହ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ଓ ହସ୍ପିଟାଲରେ ଫଳ ବଂଟନ କରାଯିବ ବୋଲି ନିଷ୍ପତି ହୋଇଛି। ଏଥିରେ ଦୁଃଶାସନ ସ୍ୱାଇଁ, ଗୁଆଝର କମିଟି ସମ୍ପାଦକ କପିଳ ପଣ୍ଡା, ବାବନ ଚନ୍ଦ୍ର ପଡ଼ିହାରୀ, ସନତ ମିଶ୍ର, ପ୍ରଦ୍ୟୁମ୍ନ ମହାନ୍ତି, ଶ୍ରୀପତି ପତି, ବାଙ୍ଗେଲା ମଲିଆ, ବିଷ୍ଣୁପ୍ରସାଦ ମୁଦୁଲି, ଦିଲ୍ଲିପ ମିଶ୍ର, ପ୍ରକାଶ ଜେନା, ଡ. ଲିଙ୍ଗରାଜ ସାହୁ, ଗୋପବନ୍ଧୁ ଦାଶ, ହରିହର ମଲିଆ, ନରେନ୍ଦ୍ର ସେଠୀ, ପ୍ରକାଶ ଚନ୍ଦ୍ର ମହାନ୍ତ, ନିଳମଣି ମିଶ୍ର, ମନୋରଂଜନ ବଟୁ ଓ ସଭ୍ୟମାନେ ସାମିଲ ହୋଇଥିଲେ।

# ବନ୍ୟାଦୁର୍ଗତଙ୍କ ପ୍ରତି ସରକାରୀ ଉଦାସୀନତାର ପ୍ରତିବାଦ

ଭୁବନେଶ୍ୱର (ପିଏନ୍): ରାଜ୍ୟରେ ଅଗଷ୍ଟ ମାସର ବାରମ୍ବାର ଲଘୁଚାପ ଓ ବାତ୍ୟା ସାଙ୍ଗକୁ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ପ୍ରାୟ ୧୫ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି। ପାଣିପାଗ ସମ୍ପର୍କରେ ଆଗରୁ ସୂଚନା ସତ୍ତ୍ୱେ ସରକାର କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେଇଥିବା ଯୋଗୁଁ ଏଭଳି ସଙ୍ଗୀନ ପରିସ୍ଥିତି ସୃଷ୍ଟି ହୋଇଛି। ବାରମ୍ବାର ବନ୍ୟା, ମରୁଡିରେ ଓଡିଶାର ଲୋକେ ହନ୍ତସନ୍ତ ହେଉଥିବା ବେଳେ ନବୀନ ସରକାର କୌଣସି ପ୍ରକାର ସ୍ଥାୟୀ ପଦକ୍ଷେପ ଗ୍ରହଣ ନକରି କେବଳ ରିଲିଫ ଓ କେନାଲ ମରାମତି ନାମରେ ନେତା ଓ କର୍ମୀମାନେ ସରକାରୀ ଅର୍ଥ ହରିଲୁଟ କରି ଚାଲିଛନ୍ତି।

ରାଜ୍ୟରେ ଲଗାତର ବନ୍ୟା ଦ୍ୱାରା ପ୍ରାୟ ୧୫ଟି ଜିଲ୍ଲାର ଜନଗଣ ଘୋର ଦୁର୍ଦ୍ଦଶାରେ ରହିଛନ୍ତି। ରାଜ୍ୟ ସରକାରଙ୍କ ରିପୋର୍ଟ ପ୍ରକାରେ ବର୍ତ୍ତମାନ ସୁଦ୍ଧା ପାଣିଘେରରେ ୧୪୮୯ ଗାଁର ୯ ଲକ୍ଷ ୬୭ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ବାସ୍ତବ କ୍ଷେତ୍ରରେ ପ୍ରଭାବିତ ଗ୍ରାମ ଓ ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଏହି ବନ୍ୟାରେ ମୃତ୍ୟୁସଂଖ୍ୟା ସରକାରୀ ଭାବରେ କୁହାଯାଇନଥିବା ବେଳେ ସମ୍ବାଦପତ୍ରରେ ବିଭିନ୍ନ ସ୍ଥାନରେ ମୃତ୍ୟୁ ଖବର ପ୍ରକାଶିତ ହୋଇଛି। ତୁହାକୁ ତୁହା ବର୍ଷା ଯୋଗୁଁ ବନ୍ୟା ହେଉଥିଲେ ବି ବର୍ଷା ପରେ ମଧ୍ୟ ବନ୍ୟା ବନ୍ଦ ହେବା ଦେଖାଯାଉନାହିଁ। ତା' ସାଙ୍ଗକୁ ହୀରାକୁଦ, ରେଙ୍ଗାଲୀ ଡ୍ୟାମର ପାଣି ଆସୁଥିବାରୁ ନୂଆ ନୂଆ ଅଞ୍ଚଳ ବନ୍ୟା ଦ୍ୱାରା ଆକ୍ରାନ୍ତ ହୋଇଛି। ମହାନଦୀ ଓ ତା'ର ଶାଖା ନଦୀ ଏବଂ ଉପନଦୀଗୁଡିକରେ କେବଳ ବନ୍ୟା ହେଉନାହିଁ, ପୋଲାଭରମ ଜଳପ୍ରକଳ୍ପ ଯୋଗୁଁ ସିଲେରୁ, ସବେରୀ ନଦୀର ପଛୁଆ ଜଳପ୍ରବାହ ଯୋଗୁଁ ମାଲକାନଗିରି ଜିଲ୍ଲାର ମୋଟୁ ଅଞ୍ଚଳ ଜଳ ପ୍ଲାବିତ ହୋଇଛି। ସେହିପରି ବଂଶଧାରା ଓ ନାଗାବଳୀ ଯୋଗୁଁ ଗଜପତି, ରାୟଗଡା ମଧ୍ୟ ପ୍ରଭାବିତ।

ରାଜ୍ୟ ସରକାର ଛତିଶଗଡ, ଝାଡଖଣ୍ଡ ଓ ଆନ୍ଧ୍ର ଉପରେ ଦୋଷ ଲଦି ନିଜର ବ୍ୟର୍ଥତାକୁ ଘୋଡାଇବାକୁ ଚେଷ୍ଟା କରୁଛନ୍ତି। ଏ ଦିଗରେ ପୂର୍ବରୁ ପଡୋଶୀ ରାଜ୍ୟଗୁଡିକ ସହ କଥା ହୋଇ ଆସନ୍ନ ବନ୍ୟାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ଏହି ସର୍ବନିମ୍ନ କାମ ମଧ୍ୟ ସରକାର ନକରିବା ଆଶ୍ଚର୍ଯ୍ୟର ବିଷୟ। ଏତଦ୍‌ବ୍ୟତୀତ ଏହି ନଦୀଗୁଡିକ ବ୍ୟବହାର କରି ଆଭ୍ୟନ୍ତରୀଣ ଓଡିଶାରେ ଛୋଟ ବଡ ପ୍ରକଳ୍ପ ନିର୍ମାଣ କରିବାରେ ଓଡିଶା ସରକାର ସଂପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି।

ସିପିଆଇ (ଏମ୍) ରାଜ୍ୟର ବନ୍ୟାକ୍ଲିଷ୍ଟ ଜନଗଣଙ୍କ ପ୍ରତି ଗଭୀର ସମବେଦନା ଜଣାଉଛି। ପାର୍ଟି ରାଜ୍ୟର ଜନଗଣଙ୍କୁ ବନ୍ୟାବିପତ୍ତିରେ ସାହାଯ୍ୟ କରିବା ପାଇଁ ଆଗେଇ ଆସିବାକୁ ନିବେଦନ କରୁଛି। ପାର୍ଟିର ପ୍ରତିଟି ୟୁନିଟ୍ ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ୍ ସଂଗ୍ରହ କରିବା ବିପନ୍ନ ଲୋକଙ୍କ ପାଖରେ ପହଞ୍ଚିବା, ଜନସାଧାରଣଙ୍କ ଦାବୀଗୁଡିକର ଆଦାୟ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ଜନସାଧାରଣଙ୍କ ଦାବୀ ଉପରେ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଉଛି।

## ସିପିଆଇ(ଏମ୍) ରାଜ୍ୟ ଦପ୍ତରରେ ସ୍ୱାଧୀନତା ଦିବସ ପାଳନ

ଭୁବନେଶ୍ୱର (ପିଏନ୍): ସିପିଆଇ(ଏମ୍) ରାଜ୍ୟ ଦପ୍ତରରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସାଥୀ ସନ୍ତୋଷ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହାପରେ ରାଜ୍ୟ ଦପ୍ତରରେ ରାଜ୍ୟ ସମ୍ପାଦକମଣ୍ଡଳୀର ଅନ୍ୟତମ ସଭ୍ୟ ଦୁଷ୍ମନ୍ତ ଦାସଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସଭାପତିଙ୍କ ସମେତ ରାଜ୍ୟ ସମ୍ପାଦକମଣ୍ଡଳୀର ସଭ୍ୟ ସର୍ବସାଥୀ ସନ୍ତୋଷ ଦାସ, ସୁରେଶ ପାଣିଗ୍ରାହୀ, ରାଜ୍ୟ କମିଟି ସଭ୍ୟ ଯତିନ୍ ମହାନ୍ତି, ଭୁବନେଶ୍ୱର ଆଞ୍ଚଳିକ କମିଟି ସମ୍ପାଦକ ପ୍ରଦୀପ୍ତ ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇ ଆର୍.ଏସ୍.ଏସ୍. ପରିଚାଳିତ ବିଜେପି ଦଳ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଯେଉଁଭଳି ଶାସନ ଚଳାଇଛନ୍ତି ତାହାଫଳରେ ଦେଶର ସମ୍ବିଧାନ, ଧର୍ମନିରପେକ୍ଷ ଗଣତନ୍ତ୍ର, ସଂଘୀୟ ବ୍ୟବସ୍ଥା ଓ ଆର୍ଥିକ ସାର୍ବଭୌମତ୍ୱ କିଭଳି ବିପଦାପନ୍ନ ହୋଇଛି ସେଥିପ୍ରତି ଉଦ୍‌ବେଗ ପ୍ରକାଶ କରିଥିଲେ। ମୋଦି ସରକାର ଦେଶରେ ସାଂପ୍ରଦାୟିକତାବାଦ ଓ ନବ୍ୟ ଉଦାରବାଦକୁ ତୀବ୍ର ବେଗରେ ଲାଗୁ କରିଛନ୍ତି। କର୍ପୋରେଟ୍ ସଂସ୍ଥା ଓ ସାଂପ୍ରଦାୟିକ ଶକ୍ତିମାନଙ୍କ ମଧ୍ୟରେ ଏକ କୁଚକ୍ର ସ୍ଥାପନ କରି ହିନ୍ଦୁତ୍ୱବାଦୀ ଧର୍ମାନ୍ଧତା ରାଷ୍ଟ୍ର ପ୍ରତିଷ୍ଠା ସହ ଦେଶୀ, ବିଦେଶୀ କର୍ପୋରେଟ୍ ଓ ବୃହତ୍ ପୁଞ୍ଜିପତିଙ୍କ ମୁନାଫା ପାଇଁ ପ୍ରାକୃତିକ ସଂପଦ ସହ ଅମୂଲ୍ୟ ସରକାରୀ ସମ୍ପତ୍ତିଗୁଡ଼ିକୁ ଗୋଡିବାଲି ମୂଲ୍ୟରେ ସେମାନଙ୍କ ହାତରେ ଟେକି ଦେଉଛନ୍ତି। ଦରବୃଦ୍ଧି, ବେକାରୀ ବୃଦ୍ଧି ଫଳରେ ଜନଗଣଙ୍କ ଅବସ୍ଥା ଦୁର୍ବିସହ ହୋଇପଡିଛି। ଜନଗଣ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ। ଦେଶର ସ୍ୱାଧୀନତା ସଂଗ୍ରାମରେ ଆଦୌ ଅବଦାନ ନଥିବା ଆର୍‌ଏସ୍‌ଏସ୍-ବିଜେପି ଦଳ ନୂତନ ଇତିହାସ ଲେଖି ବାସ୍ତବତା ଓ ସତ୍ୟକୁ ଲୁଚାଇବାକୁ ଅପଚେଷ୍ଟା କରୁଛନ୍ତି। ସଂଖ୍ୟାଲଘୁ, ଦଳିତ, ଆଦିବାସୀ ଓ ମହିଳାମାନଙ୍କ ଉପରେ ଆକ୍ରମଣ ବଢି ଚାଲିଛି। ଶ୍ରମଜୀବୀ ଜନଗଣଙ୍କୁ ସେମାନଙ୍କ ମୌଳିକ ନ୍ୟାଯ୍ୟ ଅଧିକାର ଓ ସୁବିଧା ସୁଯୋଗରୁ ବଞ୍ଚିତ କରି ଏବଂ ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି କରି କ୍ଷମତାରେ ରହିବା ପାଇଁ ସାଂପ୍ରଦାୟିକ ଆର୍‌ଏସ୍‌ଏସ୍-ବିଜେପି ମୋଦିଙ୍କ ନେତୃତ୍ୱରେ ଗୋଟିଚାଳନା କରୁଛି। ଏ କ୍ଷେତ୍ରରେ ଦେଶର ଏକତା, ସଂଘୀୟ ବ୍ୟବସ୍ଥା, ଧର୍ମନିରପେକ୍ଷତା, ଗଣତନ୍ତ୍ର ଓ ଆର୍ଥିକ ସାର୍ବଭୌମତ୍ୱ ବଜାୟ ରଖିବା ପାଇଁ ଶ୍ରମଜୀବୀ ଜନଗଣ ଓ ଦେଶପ୍ରେମୀ ଜନଗଣଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ବୋଲି ବକ୍ତାମାନେ ଆହ୍ୱାନ ଦେଇଥିଲେ। ଏହି ସଭାରେ ରାଜ୍ୟ କମିଟି ସଭ୍ୟା ତାପସୀ ପ୍ରହରାଜଙ୍କ ସମେତ ରାମଚନ୍ଦ୍ର ତ୍ରିପାଠୀ, ଜଗଦୀଶ୍ ଜେନା, ପ୍ରଭାତ ପାଣିଗ୍ରାହୀ, ପ୍ରଭାସ ସଣ୍ଡ, ଚାମ୍ବରୁ ସୋରେନ୍, ପ୍ରଣତୀ ସାହୁ, ଶୁଭ୍ରାଂଶୁ ଉଦ୍‌ଗାତା ଏବଂ ବସନ୍ତ ସାହୁ ପ୍ରମୁଖ ବହୁ ସାଥୀ ଅଂଶଗ୍ରହଣ କରିଥିଲେ।

## ରିଲିଫ ବାଂଟିଲେ ରୋଟାରୀ କ୍ଲବ ସଦସ୍ୟ

ଖୋର୍ଦ୍ଧା (ପିଏନ୍): ହୀରାକୁଦରୁ ବନ୍ୟା ନିଷ୍କାସନ ଓ ଲଘୁଚାପର ଲଗାଣ ବର୍ଷାରେ ଖୋର୍ଦ୍ଧା ବ୍ଲକର ପ୍ରାୟ ୧୫ ଗୋଟି ଗ୍ରାମ ପାଣିଘେରରେ ରହିଛନ୍ତି। ନରଣଗଡ଼, ବ୍ରଜମୋହନପୁର, ଓରବରସିଂହ ପଂଚାୟତର ହଜାର ହଜାର ଲୋକମାନେ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ସଂଗଠନ, ରାଜନୈତିକ ଦଳ ଯଥା: ଲୋକ-ପ୍ରତିନିଧିମାନେ ସହାୟତାର ହାତ ବଢାଇଛନ୍ତି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ରୋଟାରୀ କ୍ଲବ ପକ୍ଷରୁ ସଭାପତି ତଥା ପୌର ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଖୋର୍ଦ୍ଧା ବ୍ଲକ୍‌ର ହିରିମୁଳ, ଡିହଖଳା, ରାୟପୁର, ଦୁର୍ଗାପୁର, ମଶାଣିଆ, କୃଷ୍ଣପୁର, ଓରବରସିଂହ, ତେନ୍ତୁଳିମୂଳ, ବଳପୁର, ଶରଧାପୁର, ଓରମି, ମାନପୁର, ହାଡ଼ପଦା, ନରଣଗଡ଼, ଧବଳପୁର ପ୍ରମୁଖ ଗ୍ରାମରେ ଶୁଖିଲା ଖାଦ୍ୟ, ଶିଶୁଖାଦ୍ୟ, ମହବତୀ, ଦିଆସିଲ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ବିପନ୍ନଙ୍କୁ ପ୍ରଦାନ କରିଛନ୍ତି। ତେବେ ପ୍ରାୟ ୪ହଜାର ପରିବାରକୁ କ୍ଲବ ପକ୍ଷରୁ ରିଲିଫ ପ୍ରଦାନ କରାଯାଇଛି। ଏହାକୁ କ୍ଲବ୍‌ର ସମ୍ପାଦକ ତଥା ରାଜ୍ୟ ଯୁବ ବିଜେଡି ସମ୍ପାଦକ ରୁଦ୍ରନାଥ ଦତଙ୍କ ସମେତ ରୋଟାରିଆନ ପ୍ରହଲ୍ଲାଦ ପ୍ରଧାନ, ସୁକାନ୍ତ ବାରିକ, ଦିଲୀପ ସାହୁ, ସିଦ୍ଧାର୍ଥ ମିତ୍ର, ପିଂଟୁ ଚକ୍ରବର୍ତୀ (ଚକରା), ସକିଲୁର ରହେମାନ, ଜ୍ଞାନରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ହେଲ୍ପମେଟ୍ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର (ପିଏନ୍): ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ହେଲ୍ପମେଟ୍' ପକ୍ଷରୁ ୱାର୍ଡ଼ ନଂ. ୪୩ରେ ପୁଷ୍ପକ ହୋଟେଲ, କମିଶନରେଟ୍ ପୋଲିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ପୁଷ୍ପକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରଟି ହେଲ୍ପମେଟ୍‌ର ସଦସ୍ୟା, ସମାଜସେବୀ ଓ ଲେଖିକା ସ୍ୱର୍ଗତା ମିନତୀ ବେହେରାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଏହାକୁ ଏ.ସି.ପି. ଲଳିତେନ୍ଦୁ ମହାନ୍ତି, ହୋଟେଲର ଏମ୍.ଡି. ଜିତେସ୍ ଗରାବଡୁ, ଅବିନାଶ ଗନ୍ତାୟତ, ବିକାଶ କୁମାର ତରାଇ ଓ ହେଲ୍ପମେଟ୍‌ର ଉପସଭାପତି ନିହାରିକା ପଟ୍ଟନାୟକ, ସମ୍ପାଦିକା ନିବେଦିତା ଭଞ୍ଜ, ଉପଦେଷ୍ଟା ଡଃ ସୁଚେତା ରାଉତ, ସୁଶିଲ କୁମାର ପଟ୍ଟନାୟକଙ୍କର ଉପସ୍ଥିତିରେ ଶିବିରଟି ଉଦ୍‌ଘାଟନ ହୋଇଥିଲା। ଏହି ଶିବିରରେ ମୋଟ ୪୪ ୟୁନିଟ୍ ରକ୍ତ ସଂଗ୍ରହ ହେବା ସହ "ମହତ୍ ସେବା ସମ୍ମାନ - ୨୦୨୨"ରେ ଶ୍ରୀମତୀ ଚମକ୍ ଚାନ୍ଦିନୀ ଦାଶଙ୍କୁ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ସଦସ୍ୟା ସୁଧା ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ସବିତା ଶତପଥୀ, ସଞ୍ଜୁଲତା ମହାନ୍ତିଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ରକ୍ତଦାତାମାନଙ୍କର ଦାୟିତ୍ୱ ନେଇ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।

## ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,(ପିଏନ)-ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମରେ ଗଣେଶ ପୂଜା ଉପଲକ୍ଷେ ଆୟୋଜିତ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏ ନେଇ ସମାଜସେବୀ ଶ୍ରୀକାନ୍ତ ବାହିନୀପତିଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଶିକ୍ଷାବିତ୍ କୁଳମଣି ମିଶ୍ର, ରାଜକିଶୋର ପାଣିଗ୍ରାହୀ, ସମ୍ପାଦକ ଶ୍ରୀବତ୍ସ କୁମାର ମିଶ୍ର, କୋଷାଧ୍ୟକ୍ଷ ଦୀପକରଞ୍ଜନ ଦାଶ, ସମାଜସେବୀ ମାନସରଞ୍ଜନ ଦାଶ ଓ ଦିଲ୍ଲୀପ କୁମାର ପାଣିଗ୍ରାହୀଙ୍କ ସମେତ କମିଟିର ସଭ୍ୟମାନେ ଉପସ୍ଥିତ ରହି ଚଳିତ ମାସ ୩୧, ୧ ଓ ୨ତାରିଖରେ ତିନି ଦିନବ୍ୟାପୀ ମହୋତ୍ସବର ରୂପରେଖ ସମ୍ବନ୍ଧରେ ଆଲୋଚନା କରି ନିଜର ସୁ ଚିନ୍ତିତ ମତ ପ୍ରକାଶ କରିଥିଲେ। ପ୍ରଥମ ଦିନରେ ଭଜନ ସମାରୋହ କାର୍ଯ୍ୟକ୍ରମ, ଦ୍ୱିତୀୟ ଓ ତୃତୀୟ ଦିନରେ ଓଡିଶୀ, ଢୋଲ ମହୁରୀ, ଦୁଲଦୁଲି, ପାଇକ ଆଖଡା ଓ ସମ୍ବଲପୁରୀ ନାଚ ସମେତ ସ୍ଥାନୀୟ କଳାକାରଙ୍କ ଦ୍ୱାରା ନାଚଗୀତର ଆୟୋଜନ କରାଯିବ ବୋଲି ସ୍ଥିରୀକୃତ ହୋଇଥିଲା।

## କଲ୍ୟାଣପୁର ହରିଜନସାହି ଜଳବନ୍ଦୀ

ଭୁବନେଶ୍ୱର (ପିଏନ୍): ରାଜଧାନୀ ଭୁବନେଶ୍ୱର ବ୍ଲକର ଟିକରପଡ଼ା ଗ୍ରାମପଞ୍ଚାୟତ। ଏହି ପଞ୍ଚାୟତ ଅଧିନ କଲ୍ୟାଣପୁର ଶାସନ ହରିଜନ ସାହି ୬୦ ପରିବାର ଏବେ ଜଳବନ୍ଦୀ। ଗାଁ'ର ଉଭୟ ପାର୍ଶ୍ୱରେ ଥିବା ଦୟା ଏବଂ ଗଙ୍ଗୁଆ ନଦୀରେ କୌଣସି ଘାଇ ହୋଇନଥିବାବେଳେ ଗଙ୍ଗୁଆ ନଦୀର ବନ୍ୟାଜଳ ଏଠାକାର ଲୋକଙ୍କ ଅବସ୍ଥା ସଂଗୀନ କରିଛି। ଏଭଳି ସମୟରେ ଭାଇଚାରାର ସହଯୋଗ ହାତବଢାଇଛି ନୂଆଗାଁ ବିକାଶ ମଞ୍ଚ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଥାକୁ କାର୍ଯ୍ୟରେ କରି ଦେଖେଇବାକୁ ଯାଇ ବିଜୁ ଯୁବଛାତ୍ର ନେତା ତଥା ମଞ୍ଚ ଆବାହକ ଚିନ୍ମୟାନନ୍ଦ ବଡ଼ଜେନା କର୍ମକର୍ତ୍ତାଙ୍କ ସହ ବିପନ୍ନଙ୍କ ନିକଟରେ ପହଞ୍ଚି ସମସ୍ୟା ବୁଝିଥିଲେ। ସେମାନଙ୍କୁ ଅତ୍ୟାବଶ୍ୟକ ଜିନିଷପତ୍ର ବଣ୍ଟନ କରିଥିଲେ। ଗୋରୁଗାଈଙ୍କ ସମସ୍ୟା ବୁଝି ତୁରନ୍ତ ଗୋଖାଦ୍ୟ ପହଞ୍ଚାଇବା ନେଇ ବିପନ୍ନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବସନ୍ତ ବରାଳ, ସଞ୍ଜୟ ଗିରି, ଜଲି ମହାନ୍ତି, ପ୍ରକାଶ ରଣା, ପ୍ରତିମା ଦାସ ମହାନ୍ତି, ସୁଜିତ୍ ସାହୁ, ନିକୁଞ୍ଜ ସ୍ୱାଇଁ, ମାଗା ସ୍ୱାଇଁ, ଜାପାନୀ ନାୟକ, ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ।

## ଭିଏଲ-ଏସ ଆର ସାମ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ବାଲେଶ୍ୱର (ପିଏନ୍)-ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଂଗଠନ ଏବଂ ଭାରତୀୟ ନୌସେନା ସଫଳତାର ସହ ଭର୍ଟିକାଲ ଲଞ୍ଚ ସର୍ଟରେଞ୍ଜ ସର୍ଫେସ-ଟୁ-ଏୟାର ମିଜାଇଲର ପରୀକ୍ଷଣ ହୋଇଛି। ଚାନ୍ଦିପୁର ସ୍ଥିତ ଆଇ.ଟି.ଆରର ଲଞ୍ଚ ପ୍ୟାଡରୁ ମଙ୍ଗଳବାର ଏହି ପରୀକ୍ଷଣ କରାଯାଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ମାଧ୍ୟମରେ ଶତ୍ରୁମାନଙ୍କର ଯେକୌଣସି ଆକ୍ରମଣ ରୋକିବାରେ ସକ୍ଷମ ହୋଇପାରିବ। ଭାରତୀୟ ସେନାର ଯୁଦ୍ଧ ଜାହାଜ ମାଧ୍ୟମରେ ଏହାର ପରୀକ୍ଷା କରାଯାଇଛି। ଏହାର ଲକ୍ଷ୍ୟଭେଦ କ୍ଷମତା ୨୫ରୁ ୩୦ କି.ମି. ଥିବାବେଳେ ୧୨ କି.ମି. ଉପରକୁ ଯାଇପାରିବ। ଏହା ୩୬୦ ଡିଗ୍ରୀରେ ଘୂରି ଶତ୍ରୁମାନଙ୍କୁ ମାରିପାରିବ।

## ସ୍ୱାଧୀନ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ

ଖୋର୍ଦ୍ଧା (ପିଏନ)-ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଯୁଗ୍ମ ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡା ମନୋନୀତ ହୋଇଛନ୍ତି। ଏ ନେଇ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଅଭିନନ୍ଦନ ଜଣାଇଛନ୍ତି। ଏଥିନିମନ୍ତେ ସ୍ୱାଧୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ ଓ ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ ବେଗୁନିଆ ବିଧାୟକ ଶ୍ରୀ ସାହୁ କୃତଜ୍ଞତା ଜଣାଇଛନ୍ତି। ତେବେ ସ୍ୱାଧୀନ ରାୟଗଡା ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବରେ କାର୍ଯ୍ୟ କରିଥିବା ବେଳେ ଗତ ପିପିଲି ନିର୍ବାଚନମଣ୍ଡଳୀର ଡେଲାଙ୍ଗ ବ୍ଲକ ଅଭୟମୁଖି ଗ୍ରାମପଂଚାୟତରେ ବାଇ ଇଲେକ୍ସନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ପ୍ରଚାର କରି ନିଜର କାର୍ଯ୍ୟଦକ୍ଷତା ଦେଖାଇ ବିପୁଳ ପରିମାଣରେ ଭୋଟରଙ୍କୁ ପ୍ରଭାବିତ କରି ବିଜୟଲାଭ କରାଇଥିଲେ। ବେଗୁନିଆ ନିର୍ବାଚନ ମଣ୍ଡଳୀରେ ରକ୍ତଦାନ ଓ ବୃକ୍ଷରୋପଣ କରି ଦଳର ଶୃଙ୍ଖଳିତ କର୍ମୀ ଭାବରେ ବେଶ୍ ପ୍ରିୟଭାଜନ ହୋଇପାରିଛନ୍ତି। ଏହି ଗୁରୁଦାୟିତ୍ୱ ବହନ କରି ଆଗାମୀ ଦିନରେ ତୃଣମୂଳ ସ୍ତରରେ ସଙ୍ଗଠନକୁ ମଜବୁତ କରିବେ ବୋଲି କହିଛନ୍ତି।

## ଏମ୍‌ସର ନାମ ମଧୁବାବୁଙ୍କ ନାମରେ ନାମିତ କରିବା ପାଇଁ ଦାବି

ଭୁବନେଶ୍ୱର (ପିଏନ୍): ଦେଶରେ ଚିକିତ୍ସା ପ୍ରଦାନ କରୁଥିବା ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟରେ ବିଚାରାଧୀନ ଥିବାରୁ ଭୁବନେଶ୍ୱରରେ ଥିବା ଏମ୍‌ସର ନାମ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ କରିବା ପାଇଁ ଉତ୍କଳ ସମ୍ମିଳନୀ ଦାବି କରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ପ୍ରସ୍ତାବ ଅନୁଯାୟୀ ଏମ୍‌ସଗୁଡିକର ନାମ ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ବ୍ୟକ୍ତି କିମ୍ବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମରେ ନାମିତ କରାଯିବ ବୋଲି ପ୍ରସ୍ତାବ ଅଛି। ଏହି ପ୍ରସ୍ତାବ ବିଷୟରେ ଜଣାପଡିବା ପରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ସମ୍ମିଳନୀର ଉପଦେଷ୍ଟା ବରିଷ୍ଠ ଅଧିବକ୍ତା ଅନନ୍ତ ପ୍ରସାଦ ଜେନା, ଉପ-ସଭାପତି ପ୍ର. ଡ. ସୁରେନ୍ଦ୍ର ମୋହନ ମିଶ୍ର ଓ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଏକତ୍ରିତ ହୋଇ ମିଳିତ ଭାବେ ଭୁବନେଶ୍ୱରରେ ଥିବା ଏମ୍‌ସର ନାମ ମଧୁବାବୁଙ୍କ ନାମରେ ନାମିତ କରିବା ପାଇଁ ଦାବି କରିଛନ୍ତି। ଏହି ମର୍ମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି ବୋଲି ଶ୍ରୀଯୁକ୍ତ ଦାଶଶର୍ମା କହିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଅଗଷ୍ଟ ୨୭

# ବିଜେପିର ନିର୍ବାଚନ ପ୍ରସ୍ତୁତି



କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ବିଜେପି) ନିକଟରେ ଦଳର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ୧୧ଜଣିଆ ସଦସ୍ୟ ବିଶିଷ୍ଟ ପାର୍ଲିଆମେଂଟାରୀ ବୋର୍ଡ ଏବଂ ୧୫ଜଣିଆ ସଦସ୍ୟ ବିଶିଷ୍ଟ କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ପୁନର୍ଗଠନ କରିଛି। ଦଳର ଏହି ଶକ୍ତିଶାଳୀ କମିଟି ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବା ସମ୍ଭାବନା ରହିଛି। ବିଜେପିର ଶକ୍ତିଶାଳୀ କମିଟି ପୁନର୍ଗଠନ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ ବୋଲି କୁହାଯାଇପାରେ। ପୁନର୍ଗଠିତ ସଂସଦୀୟ ବୋର୍ଡରୁ କେନ୍ଦ୍ରମନ୍ତ୍ରୀ ନିତୀନ୍ ଗଡକାରୀ ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ବାଦ ପଡିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ଗଡକାରୀ ଦଳର ପୂର୍ବତନ ରାଷ୍ଟ୍ରୀୟ ସଭାପତି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ୍)ର ଅଗାଧ ଆଶୀର୍ବାଦ ଥିବା ଜଣେ ଟାଣୁଆ ନେତା। କେବଳ ଏତିକି ନୁହେଁ, ମୋଦୀଙ୍କ ମନ୍ତ୍ରୀମଣ୍ଡଳରେ ଜଣେ ମନ୍ତ୍ରୀ ଭାବେ ମଧ୍ୟ ସେ ଅଗାଧ ସ୍ୱାଧୀନତା ବା ସ୍ୱୟଂଶାସିତ କ୍ଷମତାର ଅଧିକାରୀ ଥିଲେ। ବିଜେପି ତଥା ସଂଘ ପରିବାରର ମାର୍ଗଦର୍ଶକ ତଥା ମୂଳପିଣ୍ଡ ଭାବେ ପରିଚିତ ଆରଏସଏସ ସର୍ବଦା ଗଡକରୀଙ୍କ ପଛରେ ରହିଆସିଛି। ପାର୍ଲିଆମେଂଟାରୀ ବୋର୍ଡରୁ ଗଡକାରୀଙ୍କ ବିଦାୟ ଆରଏସଏସ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ସମ୍ପର୍କରେ ପରିବର୍ତ୍ତନର ସଂକେତ ପ୍ରଦାନ କରୁଛି ବୋଲି ନିଃସନ୍ଦେହରେ କୁହାଯାଇପାରେ। ଆହୁରି ମଧ୍ୟ ଯେଉଁ ସମୟରେ ଗଡକରୀଙ୍କୁ ପାର୍ଲିଆମେଂଟାରୀ ବୋର୍ଡରୁ ବିଦା କରାଯାଇଛି, ସେହି ସମୟରେ ଦଳର ଅନ୍ୟତମ ପ୍ରଭାବଶାଳୀ କମିଟି କେନ୍ଦ୍ରୀୟ ନିର୍ବାଚନ କମିଟିର ସଦସ୍ୟ ଭାବେ ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିଶ୍‌ଙ୍କୁ ଗ୍ରହଣ କରାଯାଇଛି। ଯେକି ମହାରାଷ୍ଟ୍ରରେ ବ୍ରାହ୍ମଣ ସଂପ୍ରଦାୟର ଜଣେ ପ୍ରଭାବଶାଳୀ ନେତା ଭାବେ ପରିଚିତ। ତେବେ ଗଡକରୀଙ୍କ ଭଳି ବ୍ରାହ୍ମଣ ସଂପ୍ରଦାୟର ଜଣେ ନେତାଙ୍କୁ ଦଳର ପାର୍ଲିଆମେଂଟାରୀ ବୋର୍ଡରୁ କାହିଁକି ବାଦ ଦିଆଗଲା, ତାହା ବୁଝାପଡୁନାହିଁ। ସେହିପରି ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ, ଯାହାଙ୍କର ରାଜ୍ୟରେ ବିଜେପିକୁ ଲଗାତାର କ୍ଷମତାସୀନ କରାଇବାରେ ଭୂମିକାକୁ ଅସ୍ୱୀକାର କରାଯାଇ ନ ପାରେ, ତାଙ୍କୁ ମଧ ବିଦାୟ ଦିଆଯାଇଛି। ବିଜେପି ସମ୍ବିଧାନ ତଥା ଗାଇଡଲାଇନ ଅନୁଯାୟୀ ୭୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ନେତାଙ୍କୁ ପଦାଧିକାରୀ ଭାବେ ଏବଂ ନିର୍ବାଚନ ଲଢିବା ପାଇଁ ଦଳୀୟ ଟିକେଟ ପ୍ରଦାନ ନକରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶନାମା ନଥିବା ସତ୍ତ୍ୱେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ. ୟେଦୁରପ୍ପାଙ୍କୁ ପାର୍ଲିମେଂଟାରୀ ବୋର୍ଡର ସଦସ୍ୟ ଭାବେ ନିଯୁକ୍ତି ବିସ୍ମୟ ସୃଷ୍ଟି କରିବା ସ୍ୱାଭାବିକ। ଉଲ୍ଲେଖ କରାଯାଇପାରେ ଯେ, ୭୫ ବର୍ଷ ଅତିକ୍ରମ କରିଥିବାରୁ ତାଙ୍କୁ ଦଳ ମୁଖ୍ୟମନ୍ତ୍ରୀ ପଦରୁ ହଟାଇ ଦେଇଥିଲା। ଏହା ସତ୍ୟ ଯେ, କର୍ଣ୍ଣାଟକର ପ୍ରଭାବଶାଳୀ ଲିଙ୍ଗାୟତ ସଂପ୍ରଦାୟର ଜଣେ ପ୍ରଭାବଶାଳୀ ନେତା ଭାବେ ଜଣାଶୁଣା ଯେଉଁଥିପାଇଁ କି ଦଳ ତାଙ୍କୁ ବାର୍ଦ୍ଧକ୍ୟାବସ୍ଥାରେ ବି ଥଇଥାନ କରିଛି। ଅତୀତରେ ୟେଦୁରପ୍ପାଙ୍କ ଦଳର ନେତୃତ୍ୱ ବିରୁଦ୍ଧରେ ବିଦ୍ରୋହ କାହାରିକୁ ଅଛପା ନାହିଁ। ଏହାସତ୍ତ୍ୱେ ଦଳ ତାଙ୍କୁ ପୁଣି ସକ୍ରୀୟ ରାଜନୀତିକୁ ଫେରାଇ ଆଣିବା ଦଳର ବାଧ୍ୟବାଧକତା ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ଦଳରେ କଠୋର ହିନ୍ଦୁତ୍ୱବାଦୀ ନେତା ଭାବେ ପରିଚିତ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କୌଣସି କମିଟିରେ ସ୍ଥାନ ପାଇନଥିବା ବେଳେ ୟେଦୁରପ୍ପାଙ୍କ ସହ ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପାର୍ଲିଆମେଂଟାରୀ ବୋର୍ଡରେ ସ୍ଥାନ ପାଇଛନ୍ତି। ସେହିପରି ବିଜେପି ଓବିସି ମୋର୍ଚ୍ଚାର ମୁଖ୍ୟ ତଥା ତେଲେଙ୍ଗାନାରୁ ରାଜ୍ୟସଭା ସଦସ୍ୟ କେ. ଲକ୍ଷ୍ମଣ, ଶିଖ ସଂପ୍ରଦାୟର ପ୍ରଥମ ନେତା ଭାବେ ଇକବାଲ ସିଂହ ଲାଲପୁରା, ହରିଆନାରୁ ଲୋକସଭା ସାଂସଦ ସୁଧା ଯାଦବ, ଏବଂ ସତ୍ୟନାରାୟଣ ଯାଦବ ସ୍ଥାନ ପାଇଛନ୍ତି। ଜାତୀୟ କାର୍ଯ୍ୟକାରିଣୀ ତରଫରୁ ନିଷ୍ପତ୍ତି ଗ୍ରହଣ କରିଥିବା ପାର୍ଲିଆମେଂଟାରୀ ବୋର୍ଡରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ରାଜନାଥ ସିଂହ, ଅମିତ ଶାହା, ବି.ଏଲ. ସନ୍ତୋଷ ସଦସ୍ୟ ଅଛନ୍ତି। ସେହେପରି କେନ୍ଦ୍ରୀୟ ନିର୍ବାଚନ କମିଟିରୁ ଜୁଏଲ ଓରାମ, ଶାହାନୱାଜ ହୁସେନଙ୍କୁ ବାଦ ଦିଆଯାଇଥିବା ବେଳେ ଫଡନଭିଶ, ଭୂପେନ୍ଦର ଯାଦବ, ଓମ ମାଥୁର ଓ ବନାତି ଶ୍ରୀନିବାସଙ୍କୁ ସାମିଲ କରାଯାଇଛି। କହିବା ବାହୁଲ୍ୟ ଯେ, ୨୦୨୪ରେ ଓଡ଼ିଶାରେ କ୍ଷମତା ଦଖଲ ପାଇଁ ସ୍ୱପ୍ନ ଦେଖୁଥିବା ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ସାଂସଦ ଓରାମଙ୍କୁ ବାଦ ଦେବା ଯୋଗୁଁ ରାଜ୍ୟ ଏବେ ଉଭୟ କେନ୍ଦ୍ରୀୟ କମିଟିରେ ପ୍ରତିନିଧିତ୍ୱ ଶୂନ୍ୟ ହୋଇଛି। ତେବେ ଦେଶର ସବୁ ପ୍ରାନ୍ତ ଓ ସମାଜର ସବୁ ବର୍ଗର ନେତାଙ୍କୁ ପୁନର୍ଗଠିତ କମିଟିରେ ପ୍ରତିନିଧିତ୍ୱ ଦେଇଥିବା ଦଳ ଦାବି କରିଛି। ଓଡ଼ିଶା ପ୍ରତିନିଧିତ୍ୱ ଶୂନ୍ୟ ହୋଇଥିବା ନେଇ ରାଜ୍ୟ ଶାଖା ବଦଳୟ ନେତୃବର୍ଗଙ୍କର କୌଣସି ପ୍ରତିକ୍ରିୟା ନାହିଁ। ଏହା ନିଶ୍ଚିତ ଯେ ପୁନର୍ଗଠନ ପରେ ଉଭୟ କେନ୍ଦ୍ରୀୟ କମିଟି, ପାର୍ଲିଆମେଂଟାରୀ ବୋର୍ଡ ଏବଂ ନିର୍ବାଚନ କମିଟି ଏବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ବୋଲି କହିବାକୁ ହେବ। ତେବେ ବିଜେପି ପ୍ରତି ଆରଏସଏସ ଆଭିମୁଖ୍ୟ କିପରି ରହିବ, ତାହା ଭବିଷ୍ୟତ ହିଁ କହିବ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ପାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଆଜିର ଅନୁଚିନ୍ତା

ଭୟ ଯାହାକୁ ଭୟ କରେ, ତାକୁ ହିଁ ଆମେମାନେ ଭୟ କରିବା ଉଚିତ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ରାଜନୀତି କେବଳ ସତ୍ତା ପାଇଁ ନା ବିକାଶ ପାଇଁ !

**ପ୍ରଦୀପ୍ତ କୁମାର ଜେନା**



ଆଜିର ରାଜନୀତି କେବଳ ସତ୍ତା ପାଇଁ, ଏକଥା କେବଳ ମୁଁ କହୁନାହିଁ। ଏହି କିଛିଦିନ ତଳେ ଭାରତ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ଶ୍ରୀ ନିତିନ୍ ଗଡ଼କାରୀ ଏହି କଥା ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବାସ୍ତବିକ ଏହା ନିଛକ ସତ୍ୟ। ଆଜି ଭାରତବର୍ଷରେ ଯେତେ ରାଜନୈତିକ ଦଳ ରାଜନୀତି ପଶାପାଲିରେ ଗୋଟିଚାଳନା କରୁଛନ୍ତି ସେମାନେ କେହି ଦେଶଭକ୍ତ ନୁହନ୍ତି। ଦେଶର ପ୍ରଗତି ବା ଉନ୍ନତି ଯେତିକି ହେବାର ହେଉ କିପରି ସେମାନେ ଦୀର୍ଘଦିନ କ୍ଷମତାକୁ ନିଜ ହାତମୁଠାରେ ରଖିହେବ, ସେହି ଚିନ୍ତାରେ ସମସ୍ତେ ବ୍ୟସ୍ତ। ୨୦୨୪ ନିର୍ବାଚନ ଆହୁରି ପାଖାପାଖି ଦୁଇବର୍ଷ ଥିଲେବି ଆଜିଠାରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। କେବଳ ସତ୍ତା ହାସଲ ହିଁ ଏକମାତ୍ର ଲକ୍ଷ୍ୟ। ଭାରତବର୍ଷକୁ ପରାଧୀନତାର ନାଗଫାଶରୁ ମୁକ୍ତ କରିବା ପାଇଁ ମହାତ୍ମାଗାନ୍ଧୀଙ୍କ ଆହ୍ୱାନରେ ଅନେକ ଦେଶଭକ୍ତ ନିଜର ଘର ସଂସାର ତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ସେମାନଙ୍କ ଭିତରୁ ଅନେକ କାରାବରଣ କରିବା ସହିତ କିଛି ଦେଶପ୍ରେମୀଙ୍କୁ ଜୀବନ ଦେବାକୁ ପଡିଥିଲା। ଦେଶ ପାଇଁ ସେମାନେ ହସି ହସି ଫାଶିଖୁଣ୍ଟରେ ଝୁଲିପଡିଥିଲେ। ସେମାନଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନ ଫଳରେ ଆମ୍ଭେ ଆଜି ନିଜକୁ ସ୍ୱାଧୀନ ଦେଶର ନାଗରିକ ବୋଲି କହିପାରୁଛେ। ଯେଉଁମାନଙ୍କ ରକ୍ତରେ ଏ ମାଟି ରକ୍ତରଞ୍ଜିତ ହୋଇଥିଲା ସେମାନେ କେବଳ ଇତିହାସ ପୃଷ୍ଠାରେ ରହିଗଲେ। ଆଉ କିଛି ଚାଟୁକାର, ସୁବିଧାବାଦୀ, ଇଂରେଜମାନଙ୍କ ଦଲାଲ ଗଣତନ୍ତ୍ରର ଖୋଳପା ଭିତରେ ସ୍ୱାଧୀନତାର ସ୍ୱାଦ ଚାଖିଲେ। ଦୀର୍ଘଦିନ ଧରି କ୍ଷମତାକୁ ଜାବୁଡି ଧରିବାର କଳା ଓ କୌଶଳ ସେମାନେ ଆଗାମୀ ପିଢ଼ିକୁ ଶିଖାଇ ଦେଇଗଲେ। କଂଗ୍ରେସ ଇଂରେଜମାନଙ୍କ ପାଖରୁ ଶିକ୍ଷାଲାଭ କରିଥିବା 'Divide and rule policy'କୁ ପ୍ରୟୋଗ କରି ହିନ୍ଦୁ ଓ ମୁସଲମାନଙ୍କୁ ଭାଗଭାଗ କରି ମୁସଲମାନମାନଙ୍କୁ ସନ୍ତୁଷ୍ଟ କରିବା ସହିତ ହିନ୍ଦୁମାନଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ବିଚାର କଲା। ଏକଦା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ନିଜ ବକ୍ତବ୍ୟରେ କହିଥିଲେ ଭାରତବର୍ଷର ସମସ୍ତ ସଂସାଧନ ଉପରେ ପ୍ରଥମ ଅଧିକାର ମୁସଲମାନଙ୍କର। କଂଗ୍ରେସ ଯେ ହିନ୍ଦୁମାନଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ଭାବୁଥିଲା, ତାହା ଏହି କଥାରୁ ସ୍ପଷ୍ଟ ଅନୁମେୟ। କଂଗ୍ରେସ ମଧ୍ୟ ହିନ୍ଦୁମାନଙ୍କୁ ଭାଗ ଭାଗ କରି ଦଳିତମାନଙ୍କ ହିତୈଷୀ ସାଜିଥିଲା। କଂଗ୍ରେସ ଦଳିତ ଓ ମୁସଲମାନମାନଙ୍କ ପରମହିତୈଷୀ ଭାବେ ନିଜକୁ ଚିତ୍ରିତ କରି ପାଖାପାଖି ୫୫ ବର୍ଷ ଶାସନରେ ରହି କ୍ଷମତାର ସ୍ୱାଦ ଚାଖିଲା। ଦୀର୍ଘ ୫୫ ବର୍ଷ ଶାସନରେ ରହିବା ପରେ ସମାଜରେ ଦଳିତ ଓ ମୁସଲମାନ ପଛୁଆ ଭାବେ ରହିଥିଲେ। ଏପରିକି ୭୫ ବର୍ଷ ସ୍ୱାଧୀନତାର ପରେ ମଧ୍ୟ ମୁସଲମାନ ଓ ଦଳିତମାନଙ୍କର ସାମଗ୍ରିକ ବିକାଶ ହୋଇନାହିଁ। କେବଳ କ୍ଷମତାରେ ରହିବା ପାଇଁ କଂଗ୍ରେସ ଦଳିତ ଓ ମୁସଲମାନମାନଙ୍କ ହିତୈଷୀ ସାଜିଥିଲା। ଯେଉଁଦିନ ସେମାନେ ବୁଝିଗଲେ ଯେ କଂଗ୍ରେସ ସେମାନଙ୍କ ପ୍ରକୃତ ହିତୈଷୀ ନୁହେଁ ସେବେଠାରୁ ସେମାନେ କଂଗ୍ରେସ ଆଡୁ ମୁହଁ ଫେରାଇ ନେଇଗଲେ; ଫଳରେ କଂଗ୍ରେସ କ୍ଷମତାରୁ ଦୂରେଇଗଲା। ଏହି ନିକଟରେ ରାଜସ୍ଥାନର ଜଣେ କଂଗ୍ରେସ ବିଧାୟକ ଦଳିତମାନଙ୍କ ଉପରେ ଅତ୍ୟାଚାର ହୋଇଛି କହି ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। କେବଳ ପ୍ରଚାର ପ୍ରସାର କରି ତୁଷ୍ଟିକରଣ ରାଜନୀତି କଲେ ଦେଶର ମଙ୍ଗଳ ହେବନି କି ବ୍ୟକ୍ତିର ହୁଏତ କିଛିଦିନ କ୍ଷମତାକୁ ଜାବୁଡି ଧରି ହେବ। ଯେତେବେଳେ ଲୋକମାନେ ତୁମର ଅସଲ ଚରିତ୍ରକୁ ଜାଣିଯିବେ ସେତେବେଳେ ତୁମକୁ ଫୋପାଡ଼ି ଦେବେ। ଯାହା କଂଗ୍ରେସ ପାଇଁ ହୋଇଛି। ଯଦି ପ୍ରକୃତରେ ଗୋଟିଏ ସରକାର ଦେଶ ଓ ଦେଶବାସୀଙ୍କ ପାଇଁ କିଛି କରିବାକୁ ଚାହିଁବେ, ସେ ସରକାର ବେଶୀଦିନ କ୍ଷମତାରେ ରହିପାରିବ ନାହିଁ। କଥାରେ ଅଛି ଯେତେ ଅଧିକ କାର୍ଯ୍ୟ କରିବ ସେତେ ଅଧିକ ଭୁଲ ହେବ। ଯଦି କିଛି କରିବ ନାହିଁ କିଛି ଭୁଲ ହେବନାହିଁ। ସେହି ନ୍ୟାୟରେ ଯେଉଁ ସରକାର ଦେଶ ପାଇଁ ଦୀର୍ଘସୂତ୍ରୀ କାର୍ଯ୍ୟ କରିବାକୁ ଚାହିଁବ ସେ କ୍ଷମତାରେ ରହିବେ ନାହିଁ। ସବୁ ଦଳର ଶୀର୍ଷ ନେତୃତ୍ୱର ଇଚ୍ଛା ଯେକୌଣସି ଉପାୟରେ ଶାସନକଳକୁ ଜାବୁଡି ଧରିବା। ଦେଶର ମଙ୍ଗଳ ହେଉ ଏ କଥା କେହି ଚିନ୍ତା କରୁନାହାନ୍ତି ବା କେହି ଗାନ୍ଧୀ ଗୋପବନ୍ଧୁ ନୁହଁନ୍ତି। ଦିଲ୍ଲୀର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିବାଲ ଯେତେବେଳେ ସରକାରକୁ ଆସିଲେ ବହୁତ ବଡ଼ ବଡ଼ କଥା କହିଲେ। ଦୁର୍ନୀତି ଲୋପ କରିଦେବି, ଦିଲ୍ଲୀକୁ ଏକ ଆଦର୍ଶ ପ୍ରଦେଶ କରିଦେବି ଇତ୍ୟାଦି। ସେ ଆସୁ ଆସୁ ଚଉକିର ମୋହ ଏତେମାତ୍ରାରେ ବଢିଗଲା ଯେ ସେ କିଭଳି ତାଙ୍କର ସାମ୍ରାଜ୍ୟ ଦିଲ୍ଲୀରୁ ସମଗ୍ର ଭାରତବର୍ଷକୁ ବ୍ୟାପିବ, ସେହି ଚିନ୍ତାରେ ରହିଲେ। ପାଣି ବିଜୁଳି ବିଲ୍ ମୁକ୍ତ କରି ଲୋକମାନଙ୍କୁ ନିଜ ଆଡକୁ ଆକର୍ଷଣ କଲେ। ତୁଷ୍ଟିକରଣ ରାଜନୀତିରେ ଗୋଟିଏ ସମ୍ପ୍ରଦାୟକୁ ହାତମୁଠାରେ ରଖି ଅନ୍ୟ ସମ୍ପ୍ରଦାୟ ବିରୁଦ୍ଧରେ ବିଷୋଦ୍‌ଗାର କଲେ। ସେ ବୁଝିଗଲେ କ'ଣ କଲେ ଦିଲ୍ଲୀ ତାଙ୍କର ହାତଛଡା ହେବନି। ମାଗଣା ବାଣ୍ଟି ହଜାର ହଜାର କୋଟି ଟଙ୍କା ରାଜକୋଷରୁ ଖର୍ଚ୍ଚ କରିବା ସହିତ ନିଜ ଦଳର ପ୍ରଚାର ପାଇଁ ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଲେ। କ୍ଷମତାରେ ରହିବା ପାଇଁ ପଞ୍ଜାବରେ ଖାଲିସ୍ତାନୀ ସଂଗଠନ ସହିତ ହାତ ମିଳାଇବାକୁ ପଛେଇଲେ ନାହିଁ। ବିଜେପି ଏକ ହିନ୍ଦୁତ୍ୱବାଦୀ ସଂଗଠନ ବୋଲି ସମସ୍ତେ ଜାଣନ୍ତି। ୫୦ ଭାଗ ହିନ୍ଦୁ ଏ ଦଳକୁ ସମର୍ଥନ କରିଥା'ନ୍ତି। ସମର୍ଥନ କରିବା ପଛରେ କଂଗ୍ରେସର ହିନ୍ଦୁବିରୋଧୀ ମନୋଭାବ ଅଧିକ ପରିମାଣରେ ଦାୟୀ। ନରେନ୍ଦ୍ର ମୋଦି ସରକାରକୁ ହିନ୍ଦୁମାନେ ପୂର୍ଣ୍ଣ ସହଯୋଗ କରୁଛନ୍ତି, ହେଲେ ହିନ୍ଦୁମାନଙ୍କୁ ସମାନ ଅଧିକାର ଦେବାକୁ ସରକାର କୌଣସି ଠୋସ୍ ପଦକ୍ଷେପ ନେଉନାହାନ୍ତି। 'ସବ୍‌କା ସାଥ ସବ୍‌କା ବିକାଶ' ଓ 'ସବ୍‌କା ବିଶ୍ୱାସ'ର ନାରା ଦେଇ ସରକାର ମୁସଲମାନମାନଙ୍କୁ ଆସ୍ତେ ଆସ୍ତେ ବିଜେପି ଆଡକୁ ଆକର୍ଷିତ କରିବାକୁ ଚେଷ୍ଟା କରୁଛନ୍ତି। ହିନ୍ଦୁମାନେ ଭାବୁଛନ୍ତି ବିଜେପି କେବଳ ହିନ୍ଦୁମାନଙ୍କୁ ସହାୟତା କରିପାରିବ। ଦୀର୍ଘ ୭୫ ବର୍ଷ ସ୍ୱାଧୀନତା ପରେ ହିନ୍ଦୁମାନେ ଭାରତବର୍ଷରେ ଅବହେଳିତ ଅଛନ୍ତି। ହିନ୍ଦୁମାନଙ୍କ ଧାର୍ମିକ, ସାଂସ୍କୃତିକ, ଶିକ୍ଷାଗତ ସ୍ୱାଧୀନତା ଉପରେ ଅଙ୍କୁଶ ଲାଗିଛି। ହିନ୍ଦୁ ମନ୍ଦିରକୁ ସରକାର ନିୟନ୍ତ୍ରଣ କରୁଛନ୍ତି। ହିନ୍ଦୁ ପିଲାମାନଙ୍କୁ ଧାର୍ମିକ ଶିକ୍ଷା ଦେବାକୁ ସରକାରୀ ସ୍କୁଲ collegeରେ ଅନୁମତି ନାହିଁ। ମୁସଲମାନମାନେ ୧୦/୧୫ ପିଲା ଜନ୍ମ କରିବା ଫଳରେ ହିନ୍ଦୁମାନଙ୍କ ପ୍ରତି ବିପଦ ଦେଖାଦେଇଛି। ସେମାନେ ଜାଣିଶୁଣି ସଂଖ୍ୟା ବଢ଼ାଇ ଚାଲୁଥିବାବେଳେ ସରକାର ଜନ୍ମ ନିୟନ୍ତ୍ରଣ କାନୁନ୍ ଆଣୁନାହାନ୍ତି। ଭାରତବର୍ଷରେ ୧୦୦ କୋଟି ହିନ୍ଦୁ ସମାନ ନିୟମ କଥା କହୁଥିବା ବେଳେ ସରକାର ଚୁପ ରହୁଛନ୍ତି। caa nrc କଥା ଉପରେ ବହୁତ ତୁମ୍ବିତୋଫାନ୍ ହେଲା। ସେ କୁଆଡେ ଗଲା କିଛି ଜଣାପଡୁନି। ମୋଦି ସରକାର ଜଣେ ଆଦିବାସୀ ମହିଳାଙ୍କୁ ରାଷ୍ଟ୍ରପତି ପଦରେ ବସାଇ ନିଜର ଭୋଟ ବ୍ୟାଙ୍କ୍‌କୁ ସୁରକ୍ଷିତ ରଖିବାକୁ ପ୍ରୟାସ କରଛନ୍ତି। pfi ଭଳି ସଂଗଠନ ଦେଶରେ ଅରାଜକତା ସୃଷ୍ଟି କରିଚାଲିଛି ଓ ଭାରତରେ ସାରିଆ ଆଇନ ଲାଗୁ ପାଇଁ ଯେଭଳି ପ୍ରୟାସ କରୁଛି ସେଇଭଳି ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା କରିବାକୁ ସରକାର ଆନ୍ତରିକତା ଦେଖାଉନାହାନ୍ତି। ଭାରତର ୯ଟି ପ୍ରଦେଶରେ ହିନ୍ଦୁ ଅଳ୍ପସଂଖ୍ୟକରେ ପହଞ୍ଚିଲାଣି। ୨୦୦ ଜିଲ୍ଲାରୁ ହିନ୍ଦୁମାନେ ପଳାୟନ କରୁଛନ୍ତି। ମୁସଲମାନମାନେ ହିନ୍ଦୁ ଦେବାଦେବୀମାନଙ୍କୁ ଅରୁଚିକର ମନ୍ତବ୍ୟ ଦେଉଥିବା ବେଳେ ଯଦି କେହି ହିନ୍ଦୁ ସେମାନଙ୍କ ଧର୍ମ ଉପରେ କିଛି ମତାମତ ଦେଉଛି ତା'ର ଗର୍ଦ୍ଦନ କାଟି ଦିଆଯାଉଛି। ରାଜସ୍ଥାନ, କର୍ଣ୍ଣାଟକ, କୋଲକାତା ଘଟଣାରୁ ସ୍ପଷ୍ଟ ଅନୁମେୟ। ଓଡ଼ିଶାରେ ୨୦୦୮ ମସିହାରେ ସନ୍ଥ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ଅତି ଅମାନୁଷିକ ଭାବରେ ହତ୍ୟା କରାଗଲା। ସେହି ସମୟରେ ବିଜେଡି ଓ ବିଜେପିର ମିଳିତ ସରକାର ଓଡ଼ିଶାରେ ଶାସନ କରୁଥିଲେ। ଚାରିଆଡୁ ଲୋକମାନେ ସ୍ୱର ଉତ୍ତୋଳନ କଲେ, ବିଜେପି ସରକାରରୁ ଓହରିଆସୁ। ହେଲେ ସେମିତି କିଛି ହେଲାନାହିଁ। ବିଜେପି କ୍ଷମତାଲୋଭରେ ସରକାରରୁ ନିଜର ସମର୍ଥନ ପ୍ରତ୍ୟାହାର କଲାନାହିଁ। ଯଦି ବିଜେପି ସମର୍ଥନ ପ୍ରତ୍ୟାହାର କରିଥା'ନ୍ତା ତାହାହେଲେ ପରବର୍ତ୍ତୀ ଅବସ୍ଥାରେ ସେ ଲୋକମାନଙ୍କ ଆସ୍ଥାଭାଜନ ହୋଇପାରିଥା'ନ୍ତା। ଆଜିର ଦିଗହରା ହିନ୍ଦୁ ଯଦି ନିଜେ ସଜାଗ ନହେବ ଓ ନିଜ ଭିତରେ ସମନ୍ୱୟ ନରଖିବ କୌଣସି ରାଜନୈତିକ ଦଳ ତା'ର ରକ୍ଷାକରିବାକୁ ଆଗେଇଆସିବେ ନାହିଁ। ଦିନକୁ ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବଢି ବଢ଼ି ଚାଲିଛି। ହେଲେ ସରକାରଙ୍କ ନିଦ ଭାଙ୍ଗୁନି। ମୋଦି ସରକାରଙ୍କ ସବୁଠାରୁ ବଡ ସଫଳତା ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା। ଯେଉଁଭଳି ମୁସଲିମ ଜନସଂଖ୍ୟା ବଢିଚାଲିଛି କାଲିର ମୁସଲିମମାନେ ଯେଭଳି ଭାରତରେ ସାରିଆ ଆଇନ ଲାଗୁ କରିବାକୁ ଯୋଜନାବଦ୍ଧ ଭାବରେ କାର୍ଯ୍ୟ କରୁଛନ୍ତି ଯଦି ମୋଦି ଭୋଟ ହାତେଇବା ଲକ୍ଷ୍ୟରେ କଠୋର ଆଇନ ନ ଆଣନ୍ତି, ଏ ଅଯୋଧ୍ୟା ରାମମନ୍ଦିର ଯେ ଦିନେ ବାବରୀ ମସଜିଦ ନ ହେବ କିଏ କହିବ। ଭାରତର ଝାଡଖଣ୍ଡ, ବିହାର, କେରଳ ଆଦି ପ୍ରଦେଶର କିଛି ମୁସଲିମବହୁଳ ଅଞ୍ଚଳରେ ଶୁକ୍ରବାର ନମାଜବାରିରେ ସ୍କୁଲଗୁଡ଼ିକୁ ବନ୍ଦ କରାଯାଉଛି। ଏହା ଏକପ୍ରକାର ସମ୍ବିଧାନ ଓ ଆଇନର ଖିଲାପ। କଂଗ୍ରେସ ସରକାର minority କମିଶନ ପଦ ସୃଷ୍ଟି କରିଥିଲେ। minorityର ସଂଜ୍ଞା ନିର୍ଦ୍ଧାରଣ କରାଯାଇନାହିଁ। ଅଧୁନା ଭାରତରେ ମୁସଲିମ ଜନସଂଖ୍ୟା ୨୦ କୋଟିରେ ପହଞ୍ଚିଲାଣି। କିନ୍ତୁ ସେମାନଙ୍କୁ minority status ଦିଆଯାଉଛି। ସରକାର ଏ ସମ୍ପର୍କରେ ଏକ ନୀତି ନିର୍ଦ୍ଧାରଣ କରିବା ଉଚିତ। ଅନ୍ତତଃପକ୍ଷେ ଯେଉଁ ଜିଲ୍ଲାରେ ହିନ୍ଦୁ ଅଳ୍ପସଂଖ୍ୟକ ସେହି ଜିଲ୍ଲାରେ ହିନ୍ଦୁମାନଙ୍କୁ ଅଳ୍ପ ସଂଖ୍ୟକ status ଦିଆଯିବା ଉଚିତ। ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ନିମିତ୍ତ ୧୦ ବର୍ଷ ସମ୍ବିଧାନରେ ସଂରକ୍ଷଣ କରାଯାଇଥିଲା। ୭୫ ବର୍ଷ ପରେ ବି କୌଣସି ରାଜନୈତିକ ଦଳ ତା'ର ସମୀକ୍ଷା କରୁନାହାନ୍ତି। କାରଣ ଏଥିରେ ଯିଏ ହାତ ଦେବ, ସେ ଦଳ ପୁନଃ କ୍ଷମତାକୁ ଫେରିବା କଷ୍ଟକର ହୋଇପଡିବ। ସବୁ ରାଜନୈତିକ ଦଳର ଗୋଟିଏ ଲକ୍ଷ୍ୟ ଯେକୌଣସି ଉପାୟରେ କ୍ଷମତାକୁ ଜାବୁଡି ଧରିବା କ୍ଷମତାଲିପ୍ସୁ ଦଳ ବା ନେତୃତ୍ୱ କେବେ ଦେଶର ପ୍ରଗତି ପାଇଁ ସହାୟକ ନୁହେଁ। ହିନ୍ଦୁମାନେ ଯେଉଁଭାବରେ ମୋଦି ସରକାରଙ୍କ ଉପରେ ଭରସା କରୁଛନ୍ତି ସରକାର ସେଭଳି ହିନ୍ଦୁମାନଙ୍କ ପାଇଁ କାର୍ଯ୍ୟ କରୁନାହାନ୍ତି ବୋଲି ହିନ୍ଦୁମାନଙ୍କ ଅଭିଯୋଗ। କଂଗ୍ରେସ ଯେଭଳି ନିଜକୁ ଦଳିତ ଓ ମୁସଲମାନମାନଙ୍କ ହିତୈଷୀ ଭାବରେ ନିଜକୁ project କରୁଥିଲା ଓ ପରେ ଏମାନେ କଂଗ୍ରେସର ଉଦ୍ଦେଶ୍ୟକୁ ବୁଝି ମୁହଁ ଫେରାଇ ନେଇଥିଲେ ଠିକ ସେଇଭଳି ହିନ୍ଦୁମାନେ ସମୟ ଆସିବ ବିଜେପିଠାରୁ ମୁହଁ ଫେରାଇନେବେ। ଅନେକ ହିନ୍ଦୁ ଭାବୁଛନ୍ତି ଗୋଟିଏ ହିନ୍ଦୁତ୍ୱବାଦୀ ସରକାର ଥାଇ ହିନ୍ଦୁମାନେ ସ୍ୱାଧୀନ ଭାବରେ ନିଜର ମତବ୍ୟକ୍ତ କରିପାରୁନାହାନ୍ତି। ଯଦି ରାଜନୈତିକ ଦଳ, ଦେଶ ଓ ଦେଶବାସୀଙ୍କ ପାଇଁ ସମର୍ପିତ, ତା'ହେଲେ ଅଣବିଜେପି ଶାସିତ ରାଜ୍ୟରେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା କାହିଁକି ଲାଗୁ କରାଯାଉନାହିଁ! ଯଦି କେନ୍ଦ୍ର ସରକାର ୫ ଲକ୍ଷ ଟଙ୍କାର ସୁବିଧା treatment ପାଇଁ ଦେଉଛନ୍ତି ତା'ହେଲେ ସେ ସୁବିଧା ଲୋକଙ୍କୁ କାହିଁକି ଦିଆଯାଉନାହିଁ। ରାଜ୍ୟ ସରକାର ଯେତେ ଯୋଜନା କରିବା କଥା କରନ୍ତୁ, କେନ୍ଦ୍ର ଯୋଜନାର ସୁଫଳ ଲୋକ ପାଇଲେ ଅସୁବିଧା କୋଉଠି ରହିଲା। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ରାଜନୈତିକ ଦଳମାନେ ଲୋକଙ୍କ ପାଇଁ କାର୍ଯ୍ୟ କରୁନାହାନ୍ତି କେବଳ ସେମାନେ କ୍ଷମତାଲିପ୍ସୁ। ପ୍ରତ୍ୟେକ ରାଜ୍ୟ ସରକାର ନିର୍ବାଚନ ସମୟରେ ଟଙ୍କା ବାଣ୍ଟି ଓ ଲୋଭନୀୟ ଉପହାରର ଆଶା ଦେଇ ଲୋକମାନଙ୍କୁ ଭ୍ରମିତ କରୁଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ କୌଣସି ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ହାତକୁ ନନେଇ କିଛି ଲୋଭନୀୟ କାର୍ଯ୍ୟକ୍ରମ ଯଥା: କାଳିଆ ଯୋଜନା, ପିଠା ଯୋଜନା, ହରିଶ୍ଚନ୍ଦ୍ର ଯୋଜନା ଆଦି ମାଧ୍ୟମରେ ଦୀର୍ଘ ୨୨ ବର୍ଷ ଧରି କ୍ଷମତାକୁ ଜାବୁଡି ଧରିଛନ୍ତି। ବିହାରର ମୁଖ୍ୟମନ୍ତ୍ରୀ ନୀତିଶ କୁମାର କ୍ଷମତାରେ ରହିବା ପାଇଁ ସମସ୍ତ ନୀତି ନୈତିକତାକୁ ଜଳାଞ୍ଜଳି ଦେଇ କେତେବେଳେ ବିଜେପି ତ' କେତେବେଳେ ଆର୍‌ଜେଡ଼ି ସହିତ ସାଲିସ କରୁଛନ୍ତି। ଯେଉଁ ଆର୍‌ଜେଡ଼ି ଦଳକୁ ଦୁର୍ନୀତିଗ୍ରସ୍ତ ଦଳ କହି ସରକାରରୁ ଓହରି ଆସିଥିଲେ ପୁଣି ସେହି ଦଳ ସହିତ ଏବେ ମିଶି ସରକାର ଗଠନ କରିଛନ୍ତି। ଏହା କ'ଣ ଦେଶ ସ୍ୱାର୍ଥ ପାଇଁ ନା ନିଜର ସ୍ଥିତି ବଜାୟ ରଖିବା ପାଇଁ! ଠିକ୍ କେଜ୍ରିବାଲ୍, ନୀତିଶ କୁମାର, ନବୀନବାବୁଙ୍କ ଭଳି ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ସେହିମାନଙ୍କ ପଦାଙ୍କ ଅନୁସରଣ କରୁଛନ୍ତି। ରାଜନୈତିକ ଦଳମାନେ ବୁଝିଗଲେଣି ଯେ କିଛି ଜନକଲ୍ୟାଣକାରୀ କାର୍ଯ୍ୟ ନ କରି ନିର୍ବାଚନ ସମୟରେ ଟଙ୍କା, ମଦ ଓ କିଛି ଲୋଭନୀୟ ସାମଗ୍ରୀ ବାଣ୍ଟି ଦେଲେ ନିର୍ବାଚନ ବୈତରଣୀ ପାର ହୋଇଯିବ। କ୍ଷମତାରେ ରହିବା ପାଇଁ ଯେଉଁଭଳି ରାଜନୈତିକ ଦଳଗୁଡିକ କୋଟି କୋଟି ଟଙ୍କା ରାଜକୋଷରୁ ବର୍ବାଦ କରି ନିଜ ଭିତରେ ପ୍ରତିଯୋଗିତା କରିଚାଲିଛନ୍ତି ସେଥିରେ ସର୍ବୋଚ୍ଚ ନ୍ୟାୟାଳୟ ଚିନ୍ତା ପ୍ରକଟ କରିଛନ୍ତି। ତା'ହେଲେ ଆପଣମାନେ କୁହନ୍ତୁ ଆଜିର ରାଜନୀତି ସତ୍ତା ପାଇଁ ନା ଦେଶର ପ୍ରଗତି ପାଇଁ!

*-ଅବସରପ୍ରାପ୍ତ ପୋଲିସ୍ ଅଫିସର୍*

# ସେବା ଓ ଶାନ୍ତିର ଦେବୀ-ମଦର ଟେରେସା





ଦୁସ୍ଥ, ପୀଡିତ, ଦୁଃଖୀ ଓ ରଙ୍କିମାନଙ୍କର ସେବା କରିବାର ପ୍ରବୃତି ଏକ ଐଶ୍ୱରିକ ଗୁଣ। ଏହି ପ୍ରବୃତି ଯେଉଁ ପୁରୁଷ ଓ ନାରୀମାନଙ୍କଠାରେ ଥାଏ, ସେମାନେ ମର୍ତ୍ତ୍ୟର ଦେବତା ବା ଦେବୀ ରୂପେ ଜନମାନସରେ ପୂଜିତ ହୁଅନ୍ତି, ମଦର ଟେରେସା ଏହିଭଳି ଜଣେ ସେବା ଓ ଶାନ୍ତିର ଦେବୀ। ପୀଡିତର ପୀଡା ଦେଖିଲେ ତାଙ୍କ ଆଖିରୁ ଝରିଯାଏ ଲୁହ। ସେ ସମସ୍ତ ବିକାର ଓ ଘୃଣାକୁ ଭୁଲି ଲାଗି ପଡନ୍ତି ପୀଡିତର ସେବାରେ। ମନ, ପ୍ରାଣ ଓ ହୃଦୟ ଦେଇ ସେ ରୋଗୀର ସେବା କରନ୍ତି। ଏହି ମହିୟସୀ ଦେବୀ ଇଉରୋପର ମାସିଡୋନିଆ (ୟୁଗୋସ୍ଲୋଭିଆ) ଅନ୍ତର୍ଗତ ସ୍କୋପ୍‌ଜେ ନାମକ ସ୍ଥାନରେ ଏକ ଆଲବାନିଆନ୍ କୃଷକ ପରିବାରରେ ୧୯୧୦ ମସିହା ଅଗଷ୍ଟ ୨୬ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପିତା ନିକୋଲା ବୋୟାକ୍ସିଭ୍ ଓ ମାତା ଡ୍ରାମଫିଲ୍ ବୋୟାକ୍ସିଭ୍ ଥିଲେ କ୍ୟାଥଲିକ ଖ୍ରୀଷ୍ଟିୟାନ। ସେମାନଙ୍କ ପାଂଚଟି ସନ୍ତାନ ମଧ୍ୟରୁ ତିନୋଟି ଜୀବିତ ଥିଲେ। ବଡ ପୁତ୍ର ଲାଜର, ମଧ୍ୟମ କନ୍ୟା ଆଗା ଓ ସାନଝିଅ ୟାଗ୍‌ନେସ୍ ଗୋନସ୍କା ବୋୟାକ୍ସିଭ୍ (ମଦର ଟେରେସା)। ମଦର ଟେରେସାଙ୍କ ପିତା ଥିଲେ ଜଣେ ବ୍ୟବସାୟୀ, ବହୁଭାଷାବିଦ୍ ଓ ରାଜନୀତି ସଚେତନ ବ୍ୟକ୍ତି। ମଦର ଟେରେସାଙ୍କୁ ଯେତେବେଳେ ମାତ୍ର ୯ ବର୍ଷ, ଠିକ୍ ସେହି ସମୟରେ ତାଙ୍କ ପିତାଙ୍କ ଅକାଳ ମୃତ୍ୟୁ ହୋଇଗଲା। ବିଧବା ମାଆ ବହୁ ବାଧାବିଘ୍ନ ସତ୍ତ୍ୱେ ତିନିଭାଇ ଭଉଣୀଙ୍କୁ ଶିକ୍ଷିତ କରାଇଥିଲେ। ଦାରିଦ୍ର୍ୟ ଜନିତ ସମସ୍ତ ଦୁଶ୍ଚିନ୍ତା ପରେ ବି ଟେରେସାଙ୍କ ଓଠରେ ଲାଗିରହିଥିଲା ହସ। ଘର କାମରେ ସେ ମାଆଙ୍କୁ ସର୍ବଦା ସାହାଯ୍ୟ କରୁଥିଲେ। ସେ ଛୋଟବେଳରୁ ସତ୍ୟ, ଶାନ୍ତି, ଦୟା ଓ କ୍ଷମାର ଆଦର୍ଶରେ ଅନୁପ୍ରାଣିତ, ଦୁର୍ବଳ ତଥା ଆହତ ପଶୁମାନଙ୍କ ସେବାଯତ୍ନ କରି ସେ ଆନନ୍ଦ ଅନୁଭବ କରୁଥିଲେ। ନିୟମିତ ଗୀର୍ଜାରେ ପ୍ରାର୍ଥନା କରିବା, ଧର୍ମ ପୁସ୍ତକ ପଢିବା ଓ ପାଦ୍ରୀଙ୍କୁ ସାହାଯ୍ୟ କରିବା ଥିଲା ଟେରେସାଙ୍କର ନିତିଦିନର କାମ। ସରକାରୀ ସ୍କୁଲରେ ପଢୁଥିବା ସମୟରେ କେତେକ ନନ୍‌ଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଟେରେସାଙ୍କୁ ମିଳିଥିଲା। ମାତାଙ୍କ ଅନୁମତି ନେଇ ସେ ଲୋରେଟୋ ସିଷ୍ଟରମାନଙ୍କ ସହ ଯୋଗଦେଲେ, ୧୯୨୮ ମସିହା ନଭେମ୍ବର ୨୮ ତାରିଖରେ ସେ ଆୟରର୍ଲାଣ୍ଡର ଡବ୍‌ଲିନ୍ ନିକଟରେ ଥିବା ରାଥ୍‌ଫାର୍ନହାମ୍ ସ୍ଥିତ ଲୋରେଟୋ ଆବେରେ ଯୋଗଦେଇ ନନ୍ ତାଲିମ ନେଲେ। ତାଙ୍କୁ ସେତେବେଳେ ମାତ୍ର ୧୮ ବର୍ଷ। ଏଠାରେ ଆଭିଲାର ଥେରେସା ଓ ଲିସିୟୁକ୍ସର ଟେରେସାଙ୍କ ସ୍ମୃତିରେ ୟାଗ୍ନେସ୍ ଗୋନସ୍କା ବୋୟାକ୍ସିଭଙ୍କ ନାମକରଣ କରାଗଲା ସିଷ୍ଟର ଟେରେସା। ୧୯୨୯ ମସିହାରେ ଦାର୍ଜିଲିଂଠରେ ଦୁଇବର୍ଷ ତାଲିମ ନେଲାପରେ ସେ ସେଣ୍ଟ ମେରୀ ହାଇସ୍କୁଲରେ ଆରମ୍ଭ କଲେ ଶିକ୍ଷକତା, ଇତିହାସ ଓ ଭୂଗୋଳ ପଢେଇବା ସମୟରେ ଚରିତ୍ର ଗଠନ ପାଇଁ ଉପଦେଶ ଦେଉଥିଲେ। କିନ୍ତୁ ଦୁଃସ୍ଥ ଓ ପୀଡିତମାନଙ୍କର ଦୟନୀୟ ଅବସ୍ଥା ଟେରେସାଙ୍କର ହୃଦୟକୁ ବିଚଳିତ କରିଥିଲା। ମୋତିଝିଲ୍ ବସ୍ତିର ଅସଂଖ୍ୟ ନିରାଶୟ ଲୋକଙ୍କ ମୁଖମଣ୍ଡଳରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୀଶୁଖ୍ରୀଷ୍ଟଙ୍କୁ ଟେରେସା ଦେଖିପାରିଥିଲେ। ତେଣୁ ଲୋରେଟୋ ଉଚ୍ଚବିଦ୍ୟାଳୟ ଅଧ୍ୟକ୍ଷ ପଦ ତ୍ୟାଗକରି ପୋପଙ୍କ ଅନୁମତି ନେଇ ମୋତିଝିଲ ବସ୍ତିର ରୋଗୀମାନଙ୍କ ସେବାରେ ସମସ୍ତ ସମୟ ବିନିଯୋଗ କଲେ। ହାତରେ ପାଂଚ ଟଙ୍କା ଧରି ବସ୍ତି ଲୋକଙ୍କର ସେବା ଆରମ୍ଭ କରିଦେଲେ। ସେ ଆମେରିକାନ୍ ମେଡିକାଲ୍ ମିଶିନାରୀ ସିଷ୍ଟରସ୍ ସଂସ୍ଥାରେ ନର୍ସିଂ ତାଲିମ ନେଲେ। ୧୯୫୦ ମସିହାରେ ପୋପଙ୍କ ସମ୍ମତି ପାଇ ଟେରେସା ୧୨ ଜଣ ସିଷ୍ଟରଙ୍କୁ ନେଇ ପ୍ରତିଷ୍ଠା କଲେ 'ମିଶନାରିଜ୍ ଅଫ ଚ୍ୟାରିଟି'। ଏହି ସଂସ୍ଥାର ଲକ୍ଷ୍ୟ ମଣିଷ ସମାଜର ସେବା କରିବା। ୧୯୫୨ ମସିହାରେ ମଦର ଟେରେସା ପ୍ରତିଷ୍ଠା କଲେ 'ନିର୍ମଳ ହୃଦୟ' ସେବାସଦନ। ଏଠାରେ ଚାଲିଲା ମୃତ୍ୟୁପଥ ଯାତ୍ରୀମାନଙ୍କ ସେବାଶୁଶ୍ରୁଷା। ମ୍ୟୁନିସିପାଲିଟିର ଅଧିକାରୀ 'ନିର୍ମଳ ହୃଦୟ' ପ୍ରତିଷ୍ଠାନକୁ ଯୋଗାଇ ଦେଇଥିଲେ ଦୁଇଟି ଡର୍ମିଟାରୀ। ଜଣେ କାଥଲିକ୍ ନନ୍ କାଳୀ ମନ୍ଦିର ନିକଟରେ ମୁମୂର୍ଷୁ ଲୋକଙ୍କ ପାଇଁ ଏକ ଆଶ୍ରମ ନିବାସ ଖୋଲିବା, କିଛି ଅସାମାଜିକ ବ୍ୟକ୍ତି ବରଦାସ୍ତ କରିପାରିଲେ ନାହିଁ। ଏକ ପଟୁଆରରେ ଆସି ବିଭିନ୍ନ ଧ୍ୱନି ଦେଇ ପ୍ରତିବାଦ ଆରମ୍ଭ କରିଦେଲେ। ପ୍ରତିବାଦକାରୀମାନେ ମଦର ଟେରେସାଙ୍କର କାଳୀ ରୂପ ଦେଖି ଭୟ କରି ପାଦତଳେ ପଡି କ୍ଷମାଭିକ୍ଷା କଲେ। ବହୁ ଲୋକ ସହଯୋଗର ହାତ ବଢାଇଦେଲେ। ମଦର ଟେରେସା ସର୍ବଦା କହୁଥିଲେ ସେ ପ୍ରତ୍ୟେକ ବ୍ୟକ୍ତିଠାରେ ଯୀଶୁଙ୍କୁ ଦେଖିଥାଆନ୍ତି। ତେଣୁ ସବୁ କ୍ଷୁଧାର୍ଥ ଓ ରୋଗୀଣା ଲୋକମାନଙ୍କର ସେବା କରିବା ତାଙ୍କର କର୍ତ୍ତବ୍ୟ। 'ନିର୍ମଳ ହୃଦୟ' ସାଙ୍ଗକୁ ସେ ସ୍ଥାପନ କଲେ ପ୍ରେମଦାନ ଓ ଶାନ୍ତନଗର। ଶିଶୁମାନଙ୍କର ସେବା ପାଇଁ ସ୍ଥାପନ କଲେ ଶିଶୁଭବନ। ମଦର ଟେରେସାଙ୍କର ସେବା କରିବାର ପରିସର ଅତି ବ୍ୟାପକ। ଗରିବ, ଦୁଃସ୍ଥ, ବୁଭୁକ୍ଷୁ, ମାଦକାସକ୍ତ, ଗୃହହୀନ ଓ ଜେଲ୍ ଫେରନ୍ତା କଏଦୀମାନଙ୍କର ସେବା ପୁନର୍ବାସ ପାଇଁ ମଦର ଟେରେସା ଲାଗିପଡିଥିଲେ। ମଦର ଟେରେସାଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଗଲା। ମଦର ଟେରେସା ତାଙ୍କ ଅସାଧାରଣ ସେବାକାର୍ଯ୍ୟ ପାଇଁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ୧୯୬୨ ମସିହାରେ ତାଙ୍କୁ ପ୍ରଦାନ କରାଯାଇଥିଲା 'ରାମୋନ୍ ମାଗାସେସେ ପୁରସ୍କାର'। ତାହାଛଡା ପଦ୍ମଶ୍ରୀ, 'ପୋପ ଜନ୍ XXIII ଶାନ୍ତି ପୁରସ୍କାର', 'ଗୁଡ ସମରିଟାନ୍ ଆଓାର୍ଡ', ' ଜନ୍ ଏଫ. କେନେଡି ଇଣ୍ଟରନ୍ୟାସନାଲ ପୁରସ୍କାର', 'ଜବାହରଲାଲ୍ ନେହେରୁ ପୁରସ୍କାର', 'ଟେମ୍ପଲ୍‌ଟନ୍ ପୁରସ୍କାର', 'ମେଟେର୍ ଏଟ୍ ମାଜିଷ୍ଟ୍ରା ଆଓାର୍ଡ ଅଫ ଦି ଥାର୍ଡ ଅର୍ଡର ଅଫ୍ ସେଣ୍ଟ ଫ୍ରାନ୍‌ସିସ୍ ଅଫ୍ ଆସ୍କିସି' ପୁରସ୍କାର ପାଇଥିଲେ। ତାଙ୍କର ଆଦର୍ଶ ଦୁଃସ୍ଥ ସେବା ହେତୁ ଶାନ୍ତି ପାଇଁ ସେ ୧୯୭୯ ମସିହାରେ ବିଶ୍ୱପ୍ରସିଦ୍ଧ ନୋବେଲ୍ ପୁରସ୍କାର ଲାଭ କଲେ ଓ ତା'ପରେ ସେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ପାଇଲେ। କଲିକତାରେ ବି.ଏମ. ବିରଳା ହାର୍ଟ ରିସର୍ଚ୍ଚ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ସମୟରେ ଆଲବେନିଆର ରାଷ୍ଟ୍ରପତି ସଲିବେରିଶା ୧୯୯୬ ମସିହା ନଭେମ୍ବର ମାସ ୨୭ ତାରିଖରେ ମଦର ଟେରେସାଙ୍କୁ 'ଆଲବେନିଆ ସ୍ୱର୍ଣ୍ଣ ସମ୍ମାନ' ପ୍ରଦାନ କରିଥିଲେ। ୧୯୯୬ ମସିହାରେ ଆମେରିକା ସରକାର ତାଙ୍କୁ ପ୍ରଦାନ କରିଥିଲେ ସାମ୍ମାନିକ ନାଗରିକତ୍ୱ। ଏହି ମହିୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟମ୍ବର ୫ ତାରିଖ ଦିନ ମହାପ୍ରୟାଣ ଘଟିଲା। ଟେରେସାଙ୍କୁ 'ମିଶନାରୀଜ୍ ଅଫ ଚାରିଟି'ର ହେଡକ୍ୱାଟର 'ମଦର ହାଉସକୁ' ନିଆଯାଇଥିଲା ଓ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

**ଅକ୍ଷୟ କୁମାର ରାଉତ**, ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫

# ତ୍ୟାଗରେ ଆନନ୍ଦ

ଜୀବନ ଗୋଟିଏ ପାଠଶାଳା। ଏଇଠି କେବଳ ବହି ପଢ଼ିଲେ ଜ୍ଞାନ ହୁଏନା। ମଣିଷମାନଙ୍କୁ ପଢ଼ିବାକୁ ହୁଏ। ସମସ୍ୟାମାନଙ୍କୁ ଭେଟିବାକୁ ହୁଏ। ସମାଧାନମାନଙ୍କୁ ଦେଖିବାକୁ ହୁଏ। ତାହାହେଲେ ଜୀବନ ସରସ ହୁଏ। ପ୍ରତ୍ୟେକଙ୍କ ଜୀବନ ଗୋଟିଏ ଗୋଟିଏ ବହି। ଏ ବହିର ପୃଷ୍ଠା ଆରମ୍ଭ ହୁଏ ଜନ୍ମରୁ। ଅନ୍ତୁଡ଼ିଶାଳରୁ। ବହିର ଶେଷପୃଷ୍ଠା ମଶାଣିରେ। ଜୁଇରେ। ଜୀବନକୁ ଆମେ ଯେମିତି ଦେଖୁ, ବାସ୍ତବ ଜୀବନ ସେମିତି ନୁହେଁ। ଜଣେ ଅନ୍ୟକୁ ଲୁଟ୍‌କରି ଆନନ୍ଦ ପାଏ। ଆଉ ଜଣେ ଦାନ କରିକରି ଆନନ୍ଦ ପାଏ। ଜଣେ ନିଜେ ହସି ହସି ଅନ୍ୟ ଆଖିରେ ଲୁହ ଦେଇ ଖୁସି ମନାଏ। ଆଉ ଜଣେ ନିଜ ଲୁହକୁ ଚାପିରଖି ଅନ୍ୟ ଓଠରେ ହସ ଭରିଦେଇ ଖୁସିହୁଏ। ଏ ନେଇ ଉଦାହରଣଟିଏ। ଦିନେ ଗୁରୁଜୀ ଶିଷ୍ୟକୁ ପଚାରିଲେ- 'ତୁମେ ଦୀର୍ଘ ସମୟ ଧରି ଠିଆହେଇଚ। ବସିବାକୁ ଟିକିଏ ଜାଗା ମିଳିଗଲା। ତେବେ ଖୁସିହେବ ନା ଦୁଃଖୀ ହେବ ?' ଶିଷ୍ୟଟି କହିପକେଇଲା- 'ଗୁରୁଜୀ, ଦୀର୍ଘ ସମୟ ଧରି ବାଟ ଚାଲିଥିବା ବା ଠିଆହେଇଥିବା ଲୋକଟି ତ ବସିବାକୁ ଜାଗା ଖୋଜୁଥାଏ। ଜାଗାଟିକିଏ ପାଇଲେ ସେ ନିଶ୍ଚିତ ବସିପଡ଼ିବ।' ତା' ପରଦିନ ଗୁରୁ ଓ ଶିଷ୍ୟ ଗୋଟିଏ ଦୂରଯାତ୍ରାରେ ବାହାରିଲେ। ସେମାନଙ୍କୁ ରେଳରେ ଯିବାକୁ ହେଲା। ଟିକେଟ୍ କରି ନିଜର ସ୍ଥାନ ସଂରକ୍ଷଣ କରିନେଲେ। କିଛି ବାଟ ଯିବା ପରେ କ୍ରମଶଃ ଭିଡ଼ ହେଲା। ଜଣେ ବୟସ୍କ ଲୋକ ଠିଆହେଇଥାଆନ୍ତି। ଯୁବକମାନେ ଫାଙ୍କା ଦେଖି ନିଜେ ବସିପଡୁଥିଲେ। ବୟସ୍କଙ୍କୁ ସ୍ଥାନ ଦେଉନଥିଲେ। କିଛି ସମୟ ପରେ ଶିଷ୍ୟଟି ନିଜ ଜାଗାରୁ ଉଠିଗଲା। ବୟସ୍କଙ୍କୁ ଜାଗାଦେଲା। ସମୟ କ୍ରମେ ଜଳଖିଆ ଖାଇବାର ବେଳହେଲା। ସମସ୍ତେ ନିଜ ନିଜର ବ୍ୟବସ୍ଥା କରୁଥିଲେ ହେଁ ବୟସ୍କଙ୍କ ପାଖରେ କିଛି ନ ଥିଲା। ଶିଷ୍ୟ ନିଜ ଭାଗରୁ ମଧ୍ୟ ବୟସ୍କଙ୍କୁ ଖୁଆଇଲା। ଏବେ ଉଭୟଙ୍କ ମନ ପ୍ରଫୁଲ୍ଲ। ଯାତ୍ରା ଶେଷରେ ଗୁରୁଜୀ ପଚାରିଲେ- 'ତୁମେ ଆଜି ଟିକେଟ୍ କରିଛ, ଅଥଚ ନିଜେ ଠିଆହେଲ। ଜଳଖିଆ ନେଇ ପେଟେ ଖାଇବା ବଦଳରେ ଅଧାଖାଇଚ। ଏଥିରେ କ'ଣ ତୁମେ ଆନନ୍ଦ ପାଇଛ ?' ଶିଷ୍ୟଟି ଉତ୍ତର ଦେଲା- 'ହଁ। ନିଶ୍ଚୟ ଆନନ୍ଦ ପାଇଛି। କେହି ଜଣେ ମତେ ଦୟାକରି ବସିବାକୁ ଦେଲେ ମୁଁ ଯେତିକି ଖୁସି ହୁଏ ଆଜି ଜଣକୁ ବସିବାର ସୁଯୋଗ ଦେଇ ମୁଁ ବେଶି ଖୁସି।' ବାସ୍ତବରେ ଏ ଜୀବନ ବହି। କାହାଠାରୁ ଛଡ଼େଇ ଆଣିଲେ ଯେତିକି ସୁଖମିଳେ, କାହାକୁ କିଛି ଦେଇଦେଲେ ବହୁ ସୁଖ ମିଳେ। ଯୋଉଁମାନେ ଦେଇଥିବେ ସେ ଅନୁଭବ ସେମାନଙ୍କର ଥିବ। କୌଣସି ମହାପୁରୁଷ କହିନାହାନ୍ତି, ଛଡ଼େଇ ଆଣି ଉପଭୋଗ କରିବାକୁ। ସମସ୍ତେ କହିଛନ୍ତି ଦେବାକୁ। ତ୍ୟାଗକରିବାକୁ। ତ୍ୟାଗରେ ଶାନ୍ତିମିଳେ। କିନ୍ତୁ ଆମ ମୂର୍ଖାମିରେ ଆମେ ଭୋଗରେ ଶାନ୍ତି ଖୋଜୁଛୁ। ଭୋଗରେ ତ ରୋଗ ମିଳିବ। ଆବଶ୍ୟକତା ଠାରୁ ଅଧିକ ଲୋଡ଼ିବା ହିଁ ଲୋଭ। କେବେ ବି ପରୀକ୍ଷା କରି ଦେଖନ୍ତୁ। ଅନ୍ୟ ପାଇଁ ସୁଖ ଚାହୁଁଥିବା ଲୋକ ହିଁ ଆପେ ଆପେ ସୁଖୀ ହେଇଯାଏ। କୌଣସି ଦୁଃଖୀ ଓଠରେ ଥରେ ହସ ଫୁଟାଇବାକୁ ଚେଷ୍ଟାକଲେ, ନିଜ ଓଠରେ ହସ ଉଙ୍କିମାରେ। ସେଥିପାଇଁ ବିଶ୍ୱ ସଂସ୍କୃତିରେ ଦାନ, ଧର୍ମ କରିବାର ବ୍ୟବସ୍ଥା ରହିଛି।

# କୃଷି ଦୁନିଆ



## ଜୀବିକାର ରାହା ଯୋଗାଉଛି ଜୈବିକ ଚାଷ





ଭାରତୀୟ ସଭ୍ୟତାର କେନ୍ଦ୍ରବିନ୍ଦୁ ଚାଷ। ଚାଷ – ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ। ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ। ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ। ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ। ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି। ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ। କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି। ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି। ଜୈବିକ କୃଷି ଏବେ କୃଷି କ୍ଷେତ୍ରର ଏକ ସଫଳ ବାର୍ତ୍ତାବହ ଭାବେ ପରିଗଣିତ ହେଲାଣି। କମ୍ ଖର୍ଚ୍ଚ ଓ ଅଧିକ ଉତ୍ପାଦନର ମିଶ୍ରିତ ଉପାଦାନ ଜୈବିକ ଚାଷ। ରାସାୟନିକ କୀଟନାଶକକୁ ବନ୍ଦ କରି ଗୋବର,ଗୋମୂତ୍ର ପରି ଦେଶୀ ଦ୍ରବ୍ୟକୁ ବ୍ୟବହାର କରି ଆଜି ବି ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଏହା ଦ୍ୱାରା ଶରୀର ବି ସୁସ୍ଥ ରହିବା ସହ ସେମିତି ଜଣେ ଚାଷୀ ଯିଏ ସ୍ନାତକ କରିଥିଲେ ହେଁ ଚାଷର ମୋହ ତାଙ୍କୁ ବାନ୍ଧିରଖିଛି ଚାଷଜମିରେ। ସେ ଜୈବିକ ଓ ସମନ୍ୱିତ କୃଷିର ଜଣେ ସଫଳ ଉଦାହରଣ। .ସେମିତି ଜଣେ ଚାଷୀ ଯିଏ ସାର,ବିଷକୁ ଛାଡ଼ି ଏବେ ଜୈବିକ ଚାଷର ମୋହରେ ବାନ୍ଧି ହୋଇଯାଇଛନ୍ତି, ସେ ହେଲେ ଚିଲିକା ବ୍ଲକର ବଉଳାବନ୍ଧ ଗ୍ରାମର ଶ୍ରୀ ଆନନ୍ଦ ନାୟକ(ମୋ- ୭୯୭୮୫୪ ୪୩୦୩)। ୪୫ ବର୍ଷ ବୟସରେ ବି ସେ ଥକି ପଡ଼ି ନାହାନ୍ତି। ଟିସିଏସ୍‌ରେ ଚାକିରୀ କରି ମଧ୍ୟ ସବୁଜ କ୍ଷେତର ବାସ୍ନାରେ ସେ ବିଭୋର ହୋଇଯାଇଛନ୍ତି। ଗାଁ ଗାଁରେ ଜୈବିକ ଚାଷର ବାର୍ତ୍ତା ପହଁଚାଇବା ସହ ବିଭିନ୍ନ ସ୍ଥାନରୁ ବେଶ ପ୍ରଶଂସା ବି ସାଉଁଟୁଛନ୍ତି। ସେମିତି ଜଣେ ସଫଳ ଚାଷୀଙ୍କ ସହ ଅଧିକ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ...**

**ପ୍ର: ଆପଣ ଜୈବିକ ଚାଷ କରିବାକୁ ଆଗ୍ରହ ପ୍ରକାଶ କ'ଣ ପାଇଁ କଲେ ?**

ଉ: ବର୍ତ୍ତମାନ ସମୟରେ କେହି କାଦୁଅ ବିଲରେ ଗୋଡ଼ ପଶେଇବାକୁ ଇଚ୍ଛା କରୁନାହାନ୍ତି। ସମସ୍ତଙ୍କୁ ଏବେ ସାର, ବିଷ ବ୍ୟବହାରରେ ବ୍ୟସ୍ତ। କିନ୍ତୁ ଜୈବିକ ଚାଷ ଏବେ ସବୁଆଡ଼େ ବେଶ ଲୋକପ୍ରିୟ ହେବାରେ ଲାଗିଲାଣି। ତେଣୁ ପ୍ରଥମେ ମୁଁ ୟୁଟ୍ୟୁବରୁ ଜୈବିକ ଚାଷ ବିଷୟରେ ଦେଖି ଏହାକୁ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କଲି। ପରବର୍ତ୍ତୀ ସମରେ କୃଷି ବିଶେଷଜ୍ୟ ମାନଙ୍କ ପରାମର୍ଶକୁ ପାଥେୟ କରି ସମ୍ପୂର୍ଣ୍ଣ ଭାବେ ଜୈବିକ ଚାଷ କରୁଛି। ଏହା ବେଶ ଲାଭଦାୟକ ଓ ଶରୀର ଓ ପରିବେଶ ପ୍ରତି ହିତକର। ଏହା ଦ୍ୱାରା ଜମିର ଉର୍ବରତା ବଢ଼ିଥାଏ। ଜମିର ମାନ ବି ବଢ଼ିଥାଏ।

**ପ୍ର: ଜୈବିକ କୃଷି ରାସାୟନିକ କୃଷି ଭିତରେ ଆପଣ କଣ ବିଶେଷ ତଫାତ ଦେଖୁଛନ୍ତି ?**

ଉ: ପ୍ରଥମତଃ ବର୍ତ୍ତମାନ ସମୟରେ ସମସ୍ତେ ଜମିରୁ କିପରି ଅଧିକ ଅମଳ ହେବ, ତାହାକୁ ପ୍ରାଥମିକତା ଦେଉଛନ୍ତି। କିନ୍ତୁ ଅଧିକ ଅମଳ ଆଶାରେ ଆମେ ନିଜ ଦେହ ତଥା ମାଟିର ଯେଉଁ ହାନି ପହଁଚାଉଛନ୍ତି, ସେକଥାକୁ ଭୁଲିଯାଉଛନ୍ତି। କିଛିଟା ପାଇବା ଆଶାରେ ଅନେକ କିଛି ଆମେ ହରାଉଛନ୍ତି। ଏହି ଉପକ୍ରମରେ ଜୈବିକ କୃଷି ଏକ ସୁନ୍ଦର ଆଉ ଅଭିନବ ପଦକ୍ଷେପ। ଯେଉଁଥିରେ ଆମେ ସ୍ୱଳ୍ପ ଟଙ୍କା ବିନିଯୋଗ କରି ଅଧିକ ଅମଳ କରିବା ସହ ଆମ ଶରୀର ସୁସ୍ଥ ବି ରହିଥାଏ। ଏହା ଯୋଗୁଁ ପରିବେଶ ସନ୍ତୁଳନ ବି ରକ୍ଷା ହୋଇଥାଏ। ମାଟିର ଉର୍ବରତା ବଢ଼େ।

**ପ୍ର: ଟି.ସିଏସରେ ଚାକରି କରିବା ସହ ଆପଣ ଜୈବିକ କୃଷିର ମୋହରେ କିପରି ପଡ଼ିଲେ ?**

ଉ: ସ୍ନାତକ ତ ମୋର ଶିକ୍ଷାଗତ ଯୋଗ୍ୟତା। କିନ୍ତୁ ବ୍ୟକ୍ତିଗତ ଭାବରେ କହିବାକୁ ଗଲେ ମୋତେ ଏମିତି କିଛି କରିବାର ଥିଲା ଯାହା ମୋତେ ଆତ୍ମସନ୍ତୋଷ ଦେଇପାରୁଥିବ। ସେଥିପାଇଁ ଚାଷକୁ ପ୍ରମୁଖ ପନ୍ଥା ଭାବେ ବାଛିଲି। ଆଉ ଜୈବିକ କୃଷିକୁ ଆପଣେଇବାର କାରଣ ଏହା ଯୋଗୁଁ ଆମେ ବେଶ କମ୍ ପଇସାରେ ନିଜ ଘରେ ଜୈବିକ ଉପାୟରେ କୀଟନାଶକ ଓ ସାର ପ୍ରସ୍ତୁତ କରି ଜମିରେ ଦେଇପାରୁଛୁ। ଏହା ଯୋଗୁଁ ଦେହ, ମନ ବି ସୁସ୍ଥ ରହୁଛି। କାମ କରିବାକୁ ଉତ୍ସାହ ବି ମିଳୁଛି।

**ପ୍ର: ଆପଣଙ୍କ ଜମିରେ କଣ କଣ ଜୈବିକ ଉପାୟ ଅବଲମ୍ବନ କରୁଛନ୍ତି ?**

ଉ: ମୁଁ ପ୍ରଥମରୁ ଜିଆଖତ ପ୍ରସ୍ତୁତ କରିଆସୁଛି। ଏହା ବ୍ୟତୀତ ଜୀବାମୃତକୁ ପାଂଚ ବର୍ଷ ହେବ ନିଜ ଜମିରେ ବ୍ୟବହାର କରୁଛି। ଏହା ମାଟି ପାଇଁ ବେଶ ଫଳପ୍ରଦ ଭାବେ କାମ କରୁଛି। ବ୍ରହ୍ମାସ୍ତ୍ର, ପଂଚଗବ୍ୟ, ବୀଜାମୃତ,ହାଣ୍ଡିଖତ ପ୍ରଭୃତିକୁ ଜମିରେ ବି ଉପଯୋଗ କରୁଛି। ଏହାର ଉପକାରିତାକୁ ମୁଁ ନିଜେ ଅନୁଭବ କରିପାରୁଛି । ଏହା ଦ୍ୱାରା ରୋଗ ପୋକ ଲାଗିବା ସମ୍ପୂର୍ଣ୍ଣ କମି ଯାଇଛି।

**ପ୍ର: ବର୍ତ୍ତମାନର ଯୁବସମାଜ ଚାଷ ପାଇଁ ବିମୁଖ ହେବାର କାରଣ କଣ ହୋଇଥାଇପାରେ ?**

ଉ: ଯୁବକ ମାନେ ଚାଷ ପାଇଁ ସ୍ୱତଃ ଭାବରେ ଆଗ୍ରହ ସୃଷ୍ଟି କରିବା ଆବଶ୍ୟକ। ବିମୁଖ ହେବାର କାରଣ ସେମାନେ ବର୍ତ୍ତମାନ ସମୟରେ ଆଉ କ୍ଷେତକୁ ପଶିବାକୁ ଚାହୁଁନାହାନ୍ତି। ଯୁଗ ବଦଳିବା ସହ ମାନସିକତା ବି ପରିବର୍ତ୍ତନ ହେଉଛି। ମନରେ ଇଚ୍ଛା ଥିଲେ ସବୁକିଛି ସମ୍ଭବ। ଏହି ପରିପ୍ରେକ୍ଷୀରେ ଯୁବସମାଜ ଚାହିଁଲେ କୃଷି କ୍ଷେତ୍ରରେ ବି ଉଦ୍ୟୋଗୀ ହୋଇପାରିବେ। କେବଳ ଦୃଢ଼ ଇଚ୍ଛାଶକ୍ତି ଓ କର୍ମକୁଶଳତା ହିଁ ଏହାର ପରିମାପକ ବୋଲି ମୋର ବିଶ୍ୱାସ। ମୋ ମତରେ ଯୁବକ ମାନେ କୃଷିକୁ ନାକ ନ ଟେକି ବରଂ ଏଥିପାଇଁ ଆଗେଇ ଆସିବା ଆବଶ୍ୟକ।

## ସେମାନେ ଯାହା କୁହନ୍ତି ...

ଏବର ସମୟରେ କେହି ବି ଚାଷ କରିବାକୁ ମନ ବଳାଉନାହାନ୍ତି। ଚାକିରୀ ଓ ଟଙ୍କା ସର୍ବସ୍ୱ ଦୁନିଆରେ ଆଜି ବି ଲୋକ ଅଛନ୍ତି ଯେଉଁମାନେ ଚାଷ ପାଇଁ ସମର୍ପିତ।



ଆନନ୍ଦ ନାୟକ ଜଣେ ଯୁବ ଚାଷୀ। ଯଦିଓ ଚାକିରୀ ତାଙ୍କର ପେଶା, ଚାଷ ତାଙ୍କର ନିଶା। ରାସାୟନିକ ସାର ଓ କୀଟନାଶକର ବ୍ୟବହାର କରି ପରିବେଶ ଓ ସ୍ୱାସ୍ଥ୍ୟର ବ୍ୟାପକ କ୍ଷତି ସମ୍ପର୍କରେ ଅବଗତ ହେବା ପରେ ସେ ସମ୍ପୂର୍ଣ୍ଣ ଭାବରେ ଜୈବିକ ଚାଷକୁ ଆପଣାଇନେଲେ। ଗାଇ ଗୋବରକୁ ବ୍ୟବହାର କରି ଏବେ ସେ ଗୋବର ଖତରୁ ସୁନାର କ୍ଷେତ କରିବା ଦିଗରେ ବ୍ରତୀ ହୋଇ ରହିଛନ୍ତି। ଏବେ ସେ ରାସାୟନିକ ସାରକୁ ବ୍ୟବହାର ନକରି ବି ଯେ ଜଣେ ଲାଭବାନ ହୋଇପାରିବ , ତାହାକୁ କରି ଦେଖାଇଦେଇଛନ୍ତି। ସତରେ ତାଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ଯୁବଗୋଷ୍ଠୀଙ୍କ ପାଇଁ ଉଦାହରଣ।

**- ବିଜୟ କୁମାର ମହାନ୍ତି,**
ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଗଜପତି



ଆନନ୍ଦ ଆମ ଗାଁର ଜଣେ ସଫଳ ଚାଷୀ। ସେ ବେଶ ସଫଳତାର ସହ ଜୈବିକ ଚାଷ କରିପାରିଛି। ନିଜ ଜମିରେ ଜୀବାମୃତ,ହାଣ୍ଡିଖତ ପରି ଜୈବିକ କୀଟନାଶକ ନିଜେ ପ୍ରସ୍ତୁତ କରି ବ୍ୟବହାର କରି ଆଜି ସମସ୍ତଙ୍କ ପାଇଁ ଉଦାହରଣ ସାଜିପାରିଛି।

**- ପ୍ରକାଶ ପଲେଇ, ବଉଳାବନ୍ଧ**



ଚାଷ କାମ ଯାହାର, କେଡ଼େ ସୁଖ ତାହାର – ଏକଥାକୁ ସଠିକ ଭାବରେ ପ୍ରମାଣିତ କରିପାରିଛି ଆନନ୍ଦ। ଏବେକାର ଯୁବସମାଜ ପାଇଁ ଆନନ୍ଦ ଜଣେ ସଫଳ ଉଦାହରଣ। ସେ ଚାକିରୀ କରିବା ସହ ଜୈବିକ ଚାଷ କରି ବେଶ ଲାଭ ପାଇପାରିଛି। ଆନନ୍ଦକୁ ଅନୁକରଣ କରି ଯୁବଗୋଷ୍ଠୀ ଏବେ ଜୈବିକ ଚାଷକୁ ପ୍ରାଧାନ୍ୟ ଦେବା ସହ ଏ ଦିଗରେ କାମ କଲେ ରୋଜଗାରକ୍ଷମ ହୋଇପାରିବେ , ଏଥିରେ ସନ୍ଦେହ ନାହିଁ।

**- ରାମଚନ୍ଦ୍ର ଖୁଣ୍ଟିଆ, ଚାଷୀ**

## ଧାନ ଫସଲରେ ପତ୍ରପୋଡ଼ା ରୋଗ ବ୍ୟାପୁଥିଲେ...

ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ । ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ ।

**ଲକ୍ଷଣ :**



- ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ।
- ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ । ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ।
- ୨୫-୩୦ ଡିଗ୍ରୀ ତାପମାତ୍ରା ଏହା ପାଇଁ ଖୁବ୍ ସହଯୋଗୀ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କଲେ ବେଶୀ ହୋଇଥାଏ।

**ସମାଧାନ :**

- ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ ।
- ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ ।
- ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

## ଛାତ ଉପରେ ବଗିଚା

ରୁଫଟପ୍ ଗାର୍ଡେନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ। କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ। ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ। ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ। ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡେନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ। ପରିବେଶକୁ ସୁରକ୍ଷିତ ରଖାଯାଇପାରିବ। ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ।



**ଉପକାରିତା -**

- ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ।
- ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ।
- ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ।
- ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ।
- ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ।
- ଘର ଛାତ ଉପରେ ଥିବାରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ।

**ଉପଯୁକ୍ତ ଫସଲ ଚୟନ-**

ଯଦିଓ ରୁଫଟପ୍ ଗାର୍ଡେନିଙ୍ଗ ବିଭିନ୍ନ ଦିଗ ଉପରେ ଗୁରୁତ୍ୱ ଦେଇଥାଏ ପରନ୍ତୁ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ। ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ। ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ। ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ। ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ। ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ। ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ।

**ଖତସାର ପ୍ରୟୋଗ:**

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ। ତେବେ ରୁଫଟପ୍ ଗାର୍ଡେନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର। ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ। କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ। ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ। ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ। ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ। ଫଳରେ ଗଛଟି କମ୍ ଦିନରେ ମରିଯାଏ। ତେବେ ରୋଗପୋକ ପରିଚାଳନା ଠିକ ଭାବେ କରାଗଲେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ।

ସୁତରାଂ ରୁଫଟପ୍ ଗାର୍ଡେନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ। ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ। ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ।

ରୁଫ୍‌ଟପ୍ ଗାର୍ଡେନିଂଙ୍ଗରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା।



## ଆର୍ôଥିକ ବିକାଶରେ କୃଷିଭିତ୍ତିକ ଗ୍ରାମୀଣ ଶିଳ୍ପ

**ଇଂ ଅଭୟ ସୂତାର**

ଭାରତବର୍ଷର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଅନୁଯାୟୀ ଚାକିରୀ ସୁଯୋଗ ସୃଷ୍ଟି କରିବା କୌଣସି ସରକାର ପକ୍ଷେ ସମ୍ଭବ ନୁହେଁ, କିନ୍ତୁ ଶିକ୍ଷିତ ବେକାରମାନଙ୍କୁ ଆତ୍ମନିଯୁକ୍ତି ଦେବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ବ୍ୟବସାୟିକ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନମାନଙ୍କ ଜରିଆରେ ମଧ୍ୟ ସରକାର ଶିକ୍ଷିତ ବେକାରମାନଙ୍କୁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି । ଯେଉଁ ଯୁବକମାନେ ଆତ୍ମନିଯୁକ୍ତି ପାଇଁ ଇଚ୍ଛା ପ୍ରକଟ କରିବେ, ସେମାନେ ଏହି ବ୍ୟାଙ୍କମାନଙ୍କରୁ ଋଣ ନେଇ କ୍ଷୁଦ୍ର ଶିଳ୍ପ, ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ, କ୍ଷୁଦ୍ର ବ୍ୟବସାୟ ପ୍ରତିଷ୍ଠାନ ଅଥବା କ୍ଷୁଦ୍ର ସେବାସଂସ୍ଥା ଇତ୍ୟାଦି ପ୍ରତିଷ୍ଠା କରିପାରିବେ । ଏହି ବ୍ୟବସାୟରେ ସେମାନେ ନିଜେ ଆତ୍ମନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିକ୍ଷିତ ବେକାର ଯୁବକମାନଙ୍କୁ ମଧ୍ୟ ନିଯୁକ୍ତି ଦେଇପାରିବେ । ଶିଳ୍ପ ତାଲିମ ଅନୁଷ୍ଠାନମାନଙ୍କରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିଯୁକ୍ତି ଯୋଜନା ମାଧ୍ୟମରେ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ସୁତରାଂ ଆଜିର ବୈଷୟିକ ତାଲିମପ୍ରାପ୍ତ ଛାତ୍ରଛାତ୍ରୀମାନେ ଆଉ ଚାକିରୀ ପଛରେ ନ ଗୋଡ଼ାଇ ନିଜେ କିଛି ଧନ୍ଦା କରି ଆତ୍ମନିଯୁକ୍ତ ହେବା ନିମିତ୍ତ ଆଗେଇ ଆସିବା ପାଇଁ ସମୟ ଆସିଛି ।

ବୈଷୟିକ ଶିକ୍ଷାପ୍ରାପ୍ତ ଯୁବକଯୁବତୀମାନେ ନିଜ ଗ୍ରାମାଞ୍ଚଳରେ ବରଫକଳ, ଚିଙ୍ଗୁଡ଼ି ଚାଷ, ମଧୁର ଜଳ ମାଛଚାଷ, ଚିଙ୍ଗୁଡ଼ି ଖାଦ୍ୟ ପ୍ରସ୍ତୁତି, ଶୁଖୁଆ ଓ ମାଛ ଆଚାର ପ୍ରସ୍ତୁତି, ମାଛଧରା ଡ଼ଙ୍ଗା, ଟ୍ରଲର ନିର୍ମାଣ ଓ ମରାମତି, ମାଛଧରା ଜାଲ ଓ ଫ୍ଲୋଟିଂ ନିର୍ମାଣ, ଶୀତଳ ଭଣ୍ଡାର, ଧାନକଳ ଓ ଚୂଡ଼ାକଳ, ଡ଼ାଲିକଳ, ମସଲା ଗୁଣ୍ଡ ପ୍ରସ୍ତୁତି, ଅଟାକଳ, ତେଲକଳ, ଝୋଟ ଦଉଡ଼ି ଓ ଅଖା ପ୍ରସ୍ତୁତି, ନଡ଼ିଆ ତେଲ ଓ ନଡ଼ିଆ ଗୁଣ୍ଡ ପ୍ରସ୍ତୁତି, ଚିନି ଓ ଗୁଡ଼ ପ୍ରସ୍ତୁତି, ବାଦାମ ମି ଚୋପା ଛଡ଼େଇବା, ରବର ଚାଷ, ଜେଲି, ଜାମ୍, ସସ୍ ଓ ଆଚାର ତିଆରି, ଫଳ ବଗିଚା, ବିସ୍କୁଟ/ପାଉଁରୁଟି ପ୍ରସ୍ତୁତି ଗୋଲ କୋଇଲା ପ୍ରସ୍ତୁତି, କାଜୁ ଚାଷ ଓ ପ୍ରୋସେସିଂ, ମି ଉତ୍ପାଦନ, ନଡ଼ିଆକତା ଦଉଡ଼ି, ପାପୋଛ ପ୍ରସ୍ତୁତି, ଛତୁଚାଷ, ଆଖୁ ଛେଦାରୁ କାଗଜ ତିଆରି, କୁଣ୍ଡାରୁ କାର୍ଡବୋର୍ଡ଼, ପଶୁପକ୍ଷୀ ଖାଦ୍ୟ ପ୍ରକ୍ରିୟାକରଣ, ସାବୁନ ପ୍ରସ୍ତୁତକରଣ, ଦୁଗ୍ଧଜାତ ପଦାର୍ଥ ପ୍ରକ୍ରିୟାକରଣ ଶିଳ୍ପ ପ୍ରଭୃତି ସ୍ଥାପନ କରିପାରିବେ ।

ଆମ ରାଜ୍ୟର କୃଷକ ଆବାହମାନକାଳରୁ ଚିରାଚରିତ ପ୍ରଥାରେ ପୁରୁଣା କାଳିଆ ଢ଼ାଞ୍ଚାରେ ଜମିଚାଷ କରି ଆଶାନୁରୂପ ଫସଲ ପାଇପାରୁନାହିଁ । ଆଧୁନିକ ଯନ୍ତ୍ରପାତି ବ୍ୟବହାର କଲେ ଫସଲ ଦ୍ୱିଗୁଣିତ ହୋଇପାରିବ। ମାଟିରେ ଗଭୀର ଚାଷପାଇଁ ଲୁହା ଲଙ୍ଗଳ, ପାୱାର ଟିଲର ଏବଂ ଟ୍ରାକ୍ଟର ଆଦିର ବ୍ୟବହାର ଜରୁରୀ ହୋଇପଡ଼ିଛି । ନିଜର ସ୍ଥିତି ଓ ଆର୍ଥିକ ପରିସ୍ଥିତିକୁ ନେଇ ସାଧାରଣ ଚାଷୀ ଲୁହାଲଙ୍ଗଳ, ମଧ୍ୟମ ଚାଷୀ ପାୱାର ଟିଲର ଏବଂ ଧନୀ ଶ୍ରେଣୀର ଚାଷୀ ଟ୍ରାକ୍ଟର, ଧାନରୁଆ ଯନ୍ତ୍ର, ଧାନ ଅମଳ ଯନ୍ତ୍ର ବ୍ୟବହାର କରିପାରିବେ । ଏହି କୃଷି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଅବଶ୍ୟ ଜରୁରୀ ଦରକାର । ଶିଳ୍ପ ତାଲିମ ଅନୁଷ୍ଠାନରୁ ତାଲିମପ୍ରାପ୍ତ ଯୁବକମାନେ ଗାଁ ଗହଳିରେ କର୍ମଶାଳା ତିଆରି କରି ଟ୍ରାକ୍ଟର ଏବଂ ଅନ୍ୟାନ୍ୟ ଯନ୍ତ୍ରପାତିର ସାମୁହିକ ରକ୍ଷଣାବେକ୍ଷଣ କରିପାରିବେ । ଏହାଦ୍ୱାରା ବୈଷୟିକ ଜ୍ଞାନ ଥିବା ଯୁବକମାନେ ସହରାଭିମୁଖୀ ନ ହୋଇ ଗାଁରେ ନିଯୁକ୍ତି ପାଇପାରିବେ ଏବଂ କୃଷିର ଅଭିବୃଦ୍ଧି ଘଟାଇବେ।

ସରକାରଙ୍କର କୃଷିନୀତି ଅନୁସାରେ ରାଜ୍ୟର ଜଳସେଚନର ଅଭିବୃଦ୍ଧି ପାଇଁ ପ୍ରଚେଷ୍ଟା କରାଯାଉଅଛି । ବର୍ତ୍ତମାନ ରାଜ୍ୟରେ ୪୦% ଜମିରେ ଜଳସେଚନ ବ୍ୟବସ୍ଥା ଅଛି ଓ ଏହି ବର୍ଷ ମଧ୍ୟରେ ଏହାକୁ ୫୦% ପରିଣତ କରିବା ପାଇଁ ଚେଷ୍ଟା ଚାଲିଛି । ଏଥିପାଇଁ ଗଭୀର କୂପ ଏବଂ କେନାଲ ବନ୍ଧମାନଙ୍କରେ ବିଦ୍ୟୁତ୍‌ଚାଳିତ ପମ୍ପମାନ ବସାଇବାର ବ୍ୟବସ୍ଥା ହେବ । ବୈଦ୍ୟୁତିକ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଓ ଏହାର ମରାମତି ପାଇଁ ବୈଷୟିକ ଜ୍ଞାନ ଥିବା ଯୁବକମାନଙ୍କର ଆବଶ୍ୟକତା ରହିଛି । ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷାଲାଭ କରୁଥିବା ଇଲେକ୍ଟ୍ରିକାଲ ଓ ମେକାନିକାଲ୍ ଛାତ୍ରମାନେ ଜଳସେଚିତ ଅଞ୍ଚଳରେ ପମ୍ପ୍‌ଆଦି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ପାଇଁ କର୍ମଶାଳା ଖୋଲି ନିଯୁକ୍ତି ପାଇପାରିବେ ।

ବୈଜ୍ଞାନିକ ପ୍ରଣାଳୀରେ ଚାଷ ପାଇଁ ବିହନ ପ୍ରକ୍ରିୟାକରଣ ଯନ୍ତ୍ର, ମି ଓ ସାର ବୁଣା ଯନ୍ତ୍ର, ପ୍ରକ୍ରିୟାକରଣ ଯନ୍ତ୍ର, ବାଲୁଙ୍ଗା ବଛା ଯନ୍ତ୍ର ବାହାରିଲାଣି। ଶ୍ରମର ସଠିକ ଉପଯୋଗ ପାଇଁ ଏବଂ ଚାଷର ମିତବ୍ୟୟିତା ପାଇଁ ଏହି ସବୁ ଉନ୍ନତ କୃଷିଯନ୍ତ୍ରପାତି ମଝିରେ ମଝିରେ ଖରାପ ହୋଇଥାଏ । ଶିଳ୍ପ ତାଲିମ ଅନୁଷ୍ଠାନର ଶିକ୍ଷାର୍ଥୀମାନେ ଏହିସବୁ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ଏବଂ ମରାମତି ଉପରେ ଜ୍ଞାନ ଲାଭ କରିଥିଲେ ଗାଁରେ ଆତ୍ମନିଯୁକ୍ତି ପାଇପାରିବେ । ଏହାଦ୍ୱାରା ଉଭୟ ଚାଷୀ ଓ ବୈଷୟିକ ଛାତ୍ରମାନେ ଉପକୃତ ହୋଇପାରିବେ ।

ବର୍ତ୍ତମାନ କୃଷିରୁ ଅଧିକ ଅମଳ ପାଇଁ ବିଭିନ୍ନ କିସମର ଅଧିକ ଅମଳକ୍ଷମ ଶଙ୍କର ଜାତୀୟ ଫସଲ ଏବଂ ପନିପରିବା ଚାଷକରାଯାଉଛି । ଏହି ସବୁ ଫସଲ ପାଇଁ ଅଧିକ ପରିମାଣର ସାର ଆବଶ୍ୟକ ପଡୁଛି । ଏହାଦ୍ୱାରା ନୂଆ ନୂଆ ପ୍ରକାର ରୋଗ ଏବଂ ପୋକର ପ୍ରାଦୁର୍ଭାବ ମଧ୍ୟ ଦେଖାଯାଇଥାଏ । ଏହି ରୋଗ ପୋକ ନିୟନ୍ତ୍ରଣ ପାଇଁ କୃଷି ଯନ୍ତ୍ରପାତି (ଆଧୁନିକ ସ୍ପ୍ରେୟର ଏବଂ ଡ଼ଷ୍ଟର ଭଳି) ବ୍ୟବହାର ହୁଏ । ଏଗୁଡ଼ିକ ସମୟ ସମୟରେ ଖରାପ ହୁଏ । ଏହାର ମରାମତି ପାଇଁ ଚାଷୀକୁ ସହରକୁ ଯିବାକୁ ପଡ଼େ । ଛାତ୍ରମାନଙ୍କର ଏ ଦିଗରେ ଜ୍ଞାନ ଥିଲେ ଏହି ଯନ୍ତ୍ରପାତିର ରକ୍ଷଣାବେକ୍ଷଣ କରି ଗାଁରେ ଚାଷୀମାନଙ୍କୁ ସାହାଯ୍ୟ କରିପାରିବେ ଏବଂ ସେମାନେ ମଧ୍ୟ ରୋଜଗାରକ୍ଷମ ହୋଇପାରିବେ ।

ଆମ ରାଜ୍ୟ ଏବଂ ଦେଶର ଶସ୍ୟ ଅମଳପରେ ୨୫% ରୁ ୩୦% ଭାଗ ଶସ୍ୟ ଉପଯୁକ୍ତ ସୁରକ୍ଷା ଅଭାବରୁ ନଷ୍ଟ ହୋଇଥାଏ । ଅଯଥା ନଷ୍ଟ ହେଉଥିବା ଶସ୍ୟକୁ ବୈଜ୍ଞାନିକ ପ୍ରଣାଳୀରେ ସାଇତା କରି ରଖାଯାଇପାରିବ । ଅମଳ ହୋଇଥିବା ଫସଲକୁ ଉପଯୁକ୍ତ ଭାବରେ ସାଇତି ରଖିବା ପାଇଁ ବୈଜ୍ଞାନିକ ପ୍ରଣାଳୀରେ ତିଆରି ଶସ୍ୟ ସଂରକ୍ଷଣ କୋଠରୀମାନ ମଧ୍ୟ କରାଯାଇପାରୁଛି । ଏହି କୋଠରୀସବୁ ବିଭିନ୍ନ ଧାତୁରେ କିମ୍ବା ଗାଁ ଗହଳିରେ ମିଳୁଥିବା କଞ୍ଚାମାଲରେ ପ୍ରସ୍ତୁତ କରାଯାଇପାରୁଛି। ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରମାନଙ୍କର ଉନ୍ନତ ସଂରକ୍ଷଣ କୋଠରୀ ସମ୍ବନ୍ଧରେ ଜ୍ଞାନ ଥିଲେ ଶସ୍ୟକୁ ନଷ୍ଟ ହେବାରୁ ରକ୍ଷା କରାଯାଇପାରିବ । ଆଉ ମଧ୍ୟ ଫଳ ଓ ପନିପରିବାକୁ ଉପଯୁକ୍ତ ଭାବେ ସାଇତି ରଖାଯାଇପାରୁ ନ ଥିବାରୁ ତାହା ନଷ୍ଟ ହେବାର ସମ୍ଭାବନା ବହୁତ ବେଶୀ । ତେଣୁ ଏଥିପାଇଁ ଗ୍ରାମାଞ୍ଚଳ ଓ ପଞ୍ଚାୟତ ସ୍ତରରେ ଶୀତଳଭଣ୍ଡାରମାନ ତିଆରି ଏବଂ ଏହି ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଇଂଜିନିୟରିଂ ଜ୍ଞାନ ଥିବା ଛାତ୍ରମାନଙ୍କର ମଧ୍ୟ ଆବଶ୍ୟକତା ରହିଛି । ଏପରି ସ୍ଥଳେ ବୈଷୟିକ ଜ୍ଞାନ ଥିବା ଛାତ୍ର ଶୀତଳଭଣ୍ଡାରରେ ନିଯୁକ୍ତି ପାଇଲେ ଉଭୟ ଚାଷୀ ଓ ଯୁବକମାନେ ଉପକୃତ ହେବେ ।

ଲଙ୍କା ଆମ୍ବରୁ ସସ୍, ସ୍କ୍ୱାସ, ଜାମ୍ ଓ ଜେଲି ଏବଂ ଚୋପାରୁ ତେଲ ନିଷ୍କାସନ କରାଯାଇପାରୁଛି । ଆମ୍ବ ସମୟରେ ଆମ୍ବରୁ ଆଚାର ପ୍ରସ୍ତୁତି, ପାଚିଲା ଆମ୍ବରୁ ଆମ୍ବସଢ଼ା, ସ୍କ୍ୱାସ୍‌ପ୍ରସ୍ତୁତି ଓ ଆମ୍ବ କୋଇଲିକୁ ପଶୁ ଖାଦ୍ୟରେ ପରିଣତ କରିବା ପାଇଁ ଏକ କ୍ଷୁଦ୍ର କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇପାରିବ। ଏ ଦିଗରେ ଯୁବକମାନଙ୍କର ବୈଷୟିକ ଜ୍ଞାନ ଥିଲେ ସେମାନେ ଖୁବ୍ କମ୍ ଖର୍ଚ୍ଚରେ ଏଭଳି ଶିଳ୍ପ ସ୍ଥାପନ କରି ଆତ୍ମନିଯୁକ୍ତି ପାଇପାରିବେ। କୃଷି ସମ୍ପୂର୍ଣ୍ଣ ଜଳବାୟୁ ଉପରେ ନିର୍ଭର କରେ । ଜଳବାୟୁ (ବର୍ଷା, ଶୀତ ଏବଂ ଉତ୍ତାପ ) କିପରି ଆସେ ଏବଂ କିପରି ଯାଏ, ତାହା କେବଳ ପ୍ରକୃତି ହିଁ ଜାଣେ । ବନ୍ୟା, ବାତ୍ୟା, ମରୁଡ଼ିରେ ଆମ ରାଜ୍ୟର ୫୦% ଭାଗ ଫସଲ ନଷ୍ଟ ହୋଇଯାଏ । ବର୍ତ୍ତମାନ ଜଳବାୟୁର ଗତିବିଧିକୁ ଜାଣିବା ପାଇଁ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରପାତିମାନ ବାହାରିଲାଣି । ଏହାଦ୍ୱାରା କେତେବେଳେ ବର୍ଷା ହେବ, ବାତ୍ୟା ହେବ, ମରୁଡ଼ି ହେବ, ବନ୍ୟା ହେବ ତାହା ସହଜରେ ଜାଣିହୁଏ ଓ ଚାଷୀ ଏ ବିଷୟରେ ସତର୍କ ହୋଇପାରିବ । ଇଲେକଟ୍ରୋନିକ୍ସ ଯନ୍ତ୍ରପାତି ଅତି ସୂକ୍ଷ୍ମ ଏବଂ ଏହାର ମରାମତି ଓ ରକ୍ଷଣାବେକ୍ଷଣ ମଧ୍ୟ ଅତି ବ୍ୟୟସାପେକ୍ଷ । ଶିଳ୍ପ ତାଲିମ ଅନୁଷ୍ଠାନରେ ଇଲେକ୍ଟ୍ରୋନିକ୍ସ ଜ୍ଞାନ ଥିବା ଛାତ୍ରମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ ଜଳବାୟୁ ନିୟନ୍ତ୍ରିତ ଇଲେକଟ୍ରୋନିକ୍ସ ଯନ୍ତ୍ର ବସାଇ ଚାଷୀଙ୍କୁ ଏ ଦିଗରେ ସତର୍କ କରାଇପାରିବେ ଏବଂ ସେମାନେ ପାରିଶ୍ରମିକ ହିସାବରେ ଚାଷୀଠାରୁ ମୂଲ୍ୟ ପାଇପାରିବେ । ବର୍ତ୍ତମାନ ଯୁଗକୁ କମ୍ପ୍ୟୁଟର ଯୁଗ କୁହାଯାଉଛି। କମ୍ପ୍ୟୁଟରରେ ଚାଷବାସ ସମ୍ବନ୍ଧୀୟ ପରିସଂଖ୍ୟାନ ଲିପିବଦ୍ଧ ହୋଇ ରହିଥିବ ଏବଂ ବାର୍ଷିକ କ୍ଷେତର ଅମଳ ଏବଂ କେଉଁ ପ୍ରକାର ଫସଲ ଚାଷ ହେଉଛି, କେତେ ଖାଦ୍ୟସାର ପଡ଼ିଛି, କେଉଁ ପ୍ରକାର କୃଷି ଯନ୍ତ୍ରପାତି ଇତ୍ୟାଦି ବ୍ୟବହାର ହୋଇଅଛି, ଏହାକୁ ଲିପିବଦ୍ଧ କରି ରଖାଯାଇପାରିବ।

ସମୟ ଆସିଲେ କମ୍ପ୍ୟୁଟରରୁ ଏହି ସବୁ ସୂଚନା ବାହାର କରାଯାଇ ଭବିଷ୍ୟତ କୃଷିପାଇଁ ବ୍ୟବହାର କରାଯାଇ ପାରିବ। ତେଣୁ କମ୍ପ୍ୟୁଟରର ଜ୍ଞାନ ଥିବା ଛାତ୍ରଛାତ୍ରୀମାନେ ପଞ୍ଚାୟତ ବା ଉପଖଣ୍ଡ ସ୍ତରରେ କମ୍ପ୍ୟୁଟର ରଖି ଚାଷୀମାନଙ୍କୁ ଠିକ୍ ସମୟରେ କୃଷି ସମ୍ବନ୍ଧୀୟ ସୂଚନା ଦେଇପାରିବେ । ତେଣୁ ଆମ ରାଜ୍ୟର ବୈଷୟିକ ଜ୍ଞାନ ଥିବା ଯୁବକ/ଯୁବତୀମାନେ ଆଉ ଚାକିରି ଆଶା ନ ରଖି ଏବଂ ସହରାଭିମୁଖୀ ନ ହୋଇ ଗ୍ରାମାଞ୍ଚଳରେ ଏପରି ଉଦ୍ୟୋଗମାନ ପ୍ରତିଷ୍ଠା କଲେ, ନିଜେ ଆତ୍ମନିଯୁକ୍ତି କର୍ମସଂସ୍ଥାନ ଯୋଗାଣରେ ସାହାଯ୍ୟ କରି ରାଜ୍ୟ ତଥା ଦେଶର ଗୌରବ ଅକ୍ଷୁର୍ଣ୍ଣ ରଖିପାରିବେ ।

**ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡ଼େମୀ**




# ଧର୍ମଶାଳା ଗାର୍ଲସ ୱିଙ୍ଗର କର୍ମକର୍ତ୍ତା ଚୟନ

ଧର୍ମଶାଳା,(ପି,ଏନ): ଯାଜପୁର ଜିଲା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଅନୁମୋଦନ କ୍ରମେ ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗର ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲ୍ଲିକ୍‌ଙ୍କ ନେତୃତ୍ୱରେ ପଂଚାୟତର ନୂତନ ସଭାନେତ୍ରୀ ଓ ବ୍ଲକ୍ର କର୍ମକର୍ତାମାନଙ୍କ ନାମ ବିଜୁ ଜନତା ଦଳ କାର୍ଯ୍ୟାଳୟ ଜାରକା ଠାରେ ଘୋଷଣା କରାଯାଇଛି । ଉପସଭାପତି ଭାବେ ସାଇନା ଖାତୁନ, ଚିନ୍ମୟୀ ବେହୁରା, ଅର୍ଘ୍ୟରୂପା ନାୟକ, ପୂର୍ଣ୍ଣିମା ରାଉତ, ରାଜଶ୍ରୀ ଲେଙ୍କା ଏବଂ ରୋଜାଲିନ ଜଟଙ୍କ ନାମ ଘୋଷଣା କରାଯାଇଥିବା ବେଳେ ବିଜେଡି ଗାଲର୍ସ ୱିଙ୍ଗ୍ ଜୋନ ସଭାପତି ଭାବେ ଜୋନ-୧୧ ଅନିତା ବେହେରା, ଜୋନ-୧୨ ସ୍ୱେତାଲିନା ବରାଳ, ଜୋନ-୧୩ ସ୍ମୃତିରେଖା ବେହେରା, ଜୋନ-୧୪ ସୁଜାତା ଦାଶ, ଜୋନ-୧୫ ଲିସାରାଣୀ ମହାନ୍ତି ଓ ଜୋନ-୩୪ ରସୁଲପୁର ସୌଦାମିନୀ ସାମଲଙ୍କ ନାମ ଘୋଷଣା କରାଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଅଞ୍ଜୁମ ନିଗାର ସୁଲତାନା, ପ୍ରିୟତମା ରାଉତ, ଜ୍ୟୋତି କବି, ପ୍ରମୋଦିନୀ ସ୍ୱାଇଁ, ସ୍ମରଣିକା ପଣ୍ଡା, ସଫଳା ବେହେରା, ସୁଦେସ୍ନା ଓଝା, ରୋଜାଲିନ ରାଉତ, ପୂଜାପ୍ରିୟଦର୍ଶିନୀ ସେଠୀ, କଳ୍ପନା ମହାରଣା, ଦିପ୍ତିରେଖା ସ୍ୱାଇଁ, ରୋଜାଲିନ ନାୟକ, ଶୁଭସ୍ମିତା ପଣ୍ଡା, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସଙ୍ଗିତା ନାୟକ, ସୌଦାମିନୀ ପ୍ରଧାନ, ସୀମା ସାହୁ, ତେଜସ୍ୱିନି ରାଉତ, ଡିଜିଟାଲ ସେକ୍ରେଟାରୀ ଭାବେ ସଲମା ଖାତୁନ ଓ ଜ୍ୟୋସ୍ନାରାଣୀ ବେହେରା, ୫୪ ଗୋଟି ପଂଚାୟତର ସଭାନେତ୍ରୀ ଏଣ୍ଡଲବା ଗ୍ରାମ ପଂଚାୟତର ସୁରଭି ସାହୁ, ରେଖିଦେଇପୁର ବନିତା ରାଉତ, ରାଇଛନ୍ଦା ଭାରତୀ ଜେନା, ଚକ୍ରଧରପୁର ଅମ୍ବିକା ନାୟକ, ତାଳଜଙ୍ଗର କଳ୍ପନା ମହାନ୍ତି, ଅଞ୍ଜିରାର ଲିଜା ଦାସ, ମଧୁସୂଦନପୁର ଉସାରାଣୀ ନାୟକ, କବାଟବନ୍ଧ ଝୁନାରାଣୀ ପାତ୍ର, ମର୍ଜିତାପୁର କ୍ରୀଷ୍ଟାରାଣୀ ପ୍ରଧାନ, ବୃନ୍ଦାଦେଇପୁର ବିଜୟଲକ୍ଷ୍ମୀ ମହାନ୍ତି, ଜେନାପୁର ସିତୁ ସାହୁ, କମାଗଡ ମଧୁସ୍ମିତା ଜେନା, ମଧୁପୁରଗଡ ଚନ୍ଦ୍ରକଳା ଦାସ, ମହିଶରା ରେଶ୍ମାରାଣୀ ବେହେରା, ପୁରୁଣାବଉଳମାଳ ମଧୁସ୍ମିତା ବେଜ, ସାହାଣୀଡିହ ଅନିତା ପ୍ରଧାନ, ସମ୍ପାରୁ ଲକ୍ଷ୍ମୀପ୍ରିୟା ଜେନା, ଅଁଫିଆ ଲଳିତା ଦଳାଇ, ତରଞ୍ଜିଆ ସରିତ ସଙ୍ଗିତା ଜେନା, ଆରୁହା ସୋନାଲି ରଶ୍ମିତା ଜେନା, ପାଖର ସୁଚିସ୍ମିତା , ଥାନୁଆଳ ବନଲତା ପାତ୍ର, ଗଙ୍ଗାଧରପୁର ରୋଜି ସ୍ୱାଇଁ, କୁମାରୀ ରଶ୍ମିତା ତରାଇ, ହରିଦାସପୁର ପୂଜା ପାତ୍ର, ନେଉଳପୁର ସାହିସ୍ତା ପରୱିନ, କ୍ଷେତ୍ରପାଳ ସୁଲୋଚନା ସାହୁ, କଂଟିଗଡିଆ ମୋନାଲିସା ଜେନା, ଜାରକା ପ୍ରଭାତୀ ସାହୁ, ଚୋରମୁହାଁ ମସ୍ତିୟା ପରୱିନ, ଚହଟା ପ୍ରାଚୀପ୍ରଭା ରାଉତ, ଅଭୟପୁର ବର୍ଷା ପ୍ରଧାନ, ଭବାନୀପୁର ଶଭଶ୍ରୀ ରାଉତ, ବଡକାଏମା ଜ୍ୟୋସ୍ନାରାଣୀ ରାଉତ, ମିର୍ଜାପୁର ସଙ୍ଗିତା ପରିଡା, ପାଟପୁର ଶୁଭସ୍ମିତା ଧଳ, ସୁନ୍ଦରିଆ ସୁନିତା ଦାସ, ଉତରପ୍ରତାପ ପ୍ରସ୍ମିତା ମହାରଣା, ଦେଓଦା ରାଜନନ୍ଦୀନି ନାଥ, ମଙ୍ଗଳପୁର ଚନ୍ଦନା ମଲ୍ଲିକ୍, ଅରାବଳ ସରୋଜିକାନ୍ତି ସାମଲ, କୋତପୁର ଅନିସା ସାହୁ, କଦମପାଳ ତୃପ୍ତି ମହାନ୍ତି, ଅରେଇକଣା ରୋଜାଲିନ ରାୟ, ପଟୁଣିଆ ସ୍ମୃତିରେଖା ସାମଲ, ଜାବରା ମିତାଲି ବେହେରା, ଶ୍ରୀବନ୍ତପୁର ସିଲି ରାଉତ, ନଟୁଆବର ସୌଭାଗ୍ୟବତୀ ବରାଳ, ସିଂହାପୁର ସୋନାଲି ଦାସ, କଳଣ ସୁଶ୍ରୀ ସୋନିତା ବିଶ୍ୱାଳ, ଓଡିଶୋ ସୁଚିସ୍ମିତା ସାହୁ, ବାରବାଟୀ ପୂଜାରାଣୀ ପ୍ରଧାନ, ରାହାମ୍ବା ଶ୍ରାବଣୀ ନାଥ ଏବଂ ରସୁଲପୁର ଐଶୋର୍ଯ୍ୟା ସାହୁଙ୍କ ନାମ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଘୋଷଣା କରାଯାଇଥିଲା ।ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗସ୍ର ସଂଗଠନକୁ ମଜବୁତ କରିବା ସହିତ ବିଧାୟକ ଶ୍ରୀଯୁକ୍ତ ବଳବନ୍ତରାୟଙ୍କ ବିକାଶର ଧର୍ମଶାଳାକୁ ଆଗେଇ ନେବାପାଇଁ ସଭାନେତ୍ରୀ ଏବଂ କର୍ମୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ବିଜେଡି ଗାର୍ଲସ ୱିଙ୍ଗସର ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲ୍ଲିକ ପଂଚାୟତ ସଭାପତିଙ୍କ ନାମ ଘୋଷଣା ବେଳେ ତାଙ୍କ ବକ୍ତବ୍ୟରେ ମତ ରଖି ଥିଲେ ।

## ଭୁବନ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଉଦ୍ୟୋଗୀ ଦିବସ ପାଳିତ

ଭୁବନ, (ପି,ଏନ): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାବଲମ୍ବୀ ଭାରତ ଅଭିଯାନ ଆନୁକୂଲ୍ୟରେ ବିଶ୍ୱ ଉଦ୍ୟୋଗୀ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଦିଲ୍ଲୀପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଥିଲେ ଯେ, ଆଜିର ଯୁବପିଢ଼ୀ କେବଳ ଚାକିରି ପଛରେ ନଗୋଡ଼ାଇ ନିଜେ ସ୍ୱାବଲମ୍ବୀ ହେବାସହ ନିଯୁକ୍ତି ସୃଷ୍ଟି କରିବା ଉଚିତ୍ ବୋଲି ମତବ୍ୟକ୍ତ କରିବା ସହ ନିଜର ଉଦ୍ୟୋଗର ସଫଳ କାହାଣୀ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସ୍ୱାବଲମ୍ବନ ଭାରତ ଅଭିଯାନ ଢେଙ୍କାନାଳ ବିଭାଗ ପ୍ରମୁଖ ଚିନ୍ମୟ ପ୍ରସାଦ ରଥ ଭାରତୀୟ ଉଦ୍ୟୋଗ ସମ୍ବନ୍ଧରେ ଆଲୋକପାତ କରି ଉଦ୍ୟୋଗ ଦ୍ୱାରା ବେକାରୀ ସମସ୍ୟା ସମାଧାନ ହେବାସହ ଅର୍ଥନୀତି ସୁଦୃଢ଼ ହୋଇପାରିବ ବୋଲି କହିଥିଲେ। ଆଇକ୍ୟୁଏସି ସଂଯୋଜିକା ଡକ୍ଟର ନମିତା ଦାଶ ନୂତନ ଚିନ୍ତନ ହିଁ ଉଦ୍ୟୋଗ ବିକାଶରେ ସହାୟକ ହେବ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶ୍ରୀଜଗନ୍ନାଥ ଫର୍ଣ୍ଣିଚର ସତ୍ୱାଧିକାରୀ ରବି ନାରାୟଣ ସାହୁ ଯୋଗଦେଇ ନିଜ ଉଦ୍ୟୋଗ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପକ ନିରଂଜନ ନାୟକ ଓ ସ୍ୱାବଲମ୍ବନ ଭାରତ ଅଭିଯାନ ସଦସ୍ୟ ନିରଞ୍ଜନ ଗୁରୁ ପରିଚାଳନା କରିଥିଲେ। ଅଧାପକ ପ୍ରଶାନ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ୪ ଜଣ ସଫଳ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗୋଚର ଜମିରୁ ଜବରଦଖଲ ଉଛେଦ ପାଇଁ ନାହାଁଣାଗାଁ ଗ୍ରାମବାସୀଙ୍କ ତହସିଲଦାରଙ୍କୁ ଦାବିପତ୍ର

କନ୍ଧମାଳ ,(ପି.ଏନ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସହର ସ୍ଥିତ କାଳିପୂଜା ସାହିରେ ଥିବା ଗୋଚର ଜମିକୁ କିଛି ଲୋକ ବେଆଇନ ଭାବେ ଜବରଦଖଲ କରିଥିବା ଅଭିଯୋଗ କରି ନାହାଣା ଗାଁ ଗ୍ରାମ ବାସୀ ଏହାକୁ ଉଛେଦ କରିବା ପାଇଁ ଫିରିଙ୍ଗିଆ ତହସିଲଦାର ଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି। ସୁଚନା ଅନୁସାରେ ଏହି ଗୋଚର ଜମିରେ ଆବାହମାନ କାଳରୁ ନହଣାଗାଁ ସହ ଫିରିଙ୍ଗିଆ ସହରର ଅନ୍ୟକିଛି ସାହିର ଲୋକେ ଗାରୁଗାଇ ଚରାଇବା ପାଇଁ ବ୍ୟବହାର କରିଆସୁଛନ୍ତି। ତେବେ ବର୍ତ୍ତମାନ ଏହି କାଳିପୂଜା ସାହିରେ ଥିବା ଗୋଚର ଜମିକୁ କିଛି ଲୋକ ଜବରଦଖଲ କରି ଏଠାରେ ଗାଡ଼ି ଗ୍ୟାରେଜ,ଛେଳି ଗୁହାଳ, କରିଥିବାବେଳେ ବାଲି, ଗୋଡ଼ି,ରଖି ବ୍ୟବସାୟ କରି ଜାଗାକୁ ଅକ୍ତିଆର କରିଥିବା ରୁ ନାହାଣା ଗାଁ ଓ ଉପରପଡା ଗ୍ରାମ ର ଗୋରୁଗାଈ ଚରିବାପାଇଁ ଅସୁବିଧା ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେଣୁ ଏହାକୁ ଉଛେଦ କରିବା ପାଇଁ ଗ୍ରାମ ର ଓ୍ୱାଡ ମେମ୍ବର ରାଜ କିଶୋର ପ୍ରଧାନ, ଅକ୍ଷୟ କର୍ଣ୍ଣ, ମାର୍କଣ୍ଡ ପାତ୍ର ,ସୁବେ ଦିଗାଲ,ଟୁକୁନା ପ୍ରଧାନ, ପବିତ୍ର କହଁର, ହେମନ୍ତ ମହାକୁଡ଼ ,ନଟବର ପ୍ରଧାନ, ମାନଗୋବିନ୍ଦ ଦିଗାଲ ଅଶୋକ କୁମାର ସାହୁ ଙ୍କ ସମେତ ଗ୍ରାମ ର ସତାଧିକ ଲୋକ ତହସିଲ କାର୍ଯ୍ୟାଳୟ ରେ ପହଞ୍ଚି ଅଭିଯୋଗ କରିଛନ୍ତି। ଏହାକୁ ଉଛେଦ ନ କଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ତେଜିବ ବୋଲି ଚେତାବନୀ ଦେଇଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ହୃଦାନନ୍ଦ ରାଉତଙ୍କ ପ୍ରଥମ ବାର୍ଷିକ ସ୍ମୃତି ସମାରୋହ ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚନ

ଭଦ୍ରକ, (ପି.ଏନ): କଲେଇ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ, ବର୍ଷିଆନ ସ୍ୱାଧୀନତା ସଂଗ୍ରାମୀ ତଥା କୃଷକ ନେତା ସ୍ୱର୍ଗତଃ ହୃଦାନନ୍ଦ ରାଉତଙ୍କର ପ୍ରଥମ ବାର୍ଷିକ ସ୍ମୃତିଚାରଣ ସମାରୋହ ଅବସରରେ ତାଙ୍କର ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି । ଏଥି ଉପଲକ୍ଷେ ସ୍ୱର୍ଗତଃ ରାଉତଙ୍କ କଲେଇ-ବଳଭଦ୍ରପୁର ସ୍ଥିତ କପାଳି ନଦୀକୂଳରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ପୂର୍ବତନ ବ୍ଲକ୍ ଅଧକ୍ଷ ତଥା ବର୍ତ୍ତମାନର ଜିଲା ପରିଷଦ ସଭ୍ୟ ମଳୟ ଜେନା, ବର୍ତ୍ତମାନ ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ, ପୂର୍ବତନ ବ୍ଲକ୍ ଉପାଧକ୍ଷା ଜ୍ୟୋସ୍ନାମଂଜରୀ ରାଉତ ଓ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହାପରେ ରାଧାମାଧବ ଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସ୍ମୃତି କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟ ଅଧକ୍ଷତା କରିଥିବାବେଳେ ଏଥିରେ ସାଂସଦ ଶ୍ରୀମତୀ ମଣ୍ଡଳ, ବିଧାୟକ ଶ୍ରୀ ମଲ୍ଲିକ, ଶ୍ରୀ ଜେନା, ଜିଲ୍ଲାପାଳ ଶ୍ରୀ ବୋନ୍ଦର, କ୍ଷେତ୍ରବାସୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଭୀମଚରଣ ପରିଡା, ପୂର୍ବତନ ବ୍ଲକ୍ ଉପାଧକ୍ଷା ଜ୍ୟୋସ୍ନାମଂଜରୀ ରାଉତ, ସ୍ଥାନୀୟ ସରପଞ୍ଚ ନିରଂଜନ ମଳିକ, ଯୁବନେତା ତାପସ ରାୟ, ଅଭିରାମ ସାହୁ, ତୁଷାରକାନ୍ତି ପରିଡା, ସୁନୀଲ କୁମାର ଲେଙ୍କା, ଜଗବନ୍ଧୁ ଦାସ, ଶିକ୍ଷାବିତ୍ ନିତ୍ୟାନନ୍ଦ ମଳିକ ଓ ଶଙ୍କର୍ଷଣ ଦାସ ପ୍ରମୁଖ ଓ ଜିଲା ବାହାରୁ ଅନେକ ମାନ୍ୟଗଣ୍ୟ ଅତିଥି ଯୋଗଦେଇ ସ୍ୱର୍ଗତଃ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କର ସମାଜ କଲ୍ୟାଣ କାର୍ଯ୍ୟ ଓ ସ୍ୱାଧୀନତା ଆନ୍ଦୋଳନରେ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତଃ ରାଉତଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ସ୍ମୃତି ସମାରୋହକୁ ପ୍ରଦୀପ ଜାଳି ଉଦ୍‌ଘାଟନ କରିବା ପରେ ଜଗନ୍ନାଥ ରାୟ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପରେ ପ୍ରଭାତ ଜେନାଙ୍କ ବେଦପାଠ ପରେ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତଃ ରାଉତଙ୍କ ଉଦ୍ଦେଶ୍ୟରେ 'ଏ ମାଟିର ଗାନ୍ଧି' ସ୍ମୃତିପତ୍ର ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା। ଏହି ସଭା ସ୍ୱର୍ଗତଃ ରାଉତଙ୍କ ପୁତ୍ର ମାନସ କୁମାର, ପ୍ରକାଶ କୁମାର, ଆଶିଷ କୁମାରଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବାବେଳେ ଶେଷରେ ଶିକ୍ଷାବିତ୍ ବାବୁଲା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମଗିରି ବିକାଶ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ,(ପି,ଏନ): ଶ୍ରୀଅଲାରନାଥଙ୍କ କ୍ଷେତ୍ର ବ୍ରହ୍ମଗିରିର ବିକାଶ ପାଇଁ ବ୍ରହ୍ମଗିରି ବିକାଶ ମଂଚ(ବିବିଏନ୍) ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ମଂଚର ଆବାହକ କୈଳାସ ପରିଡ଼ାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ପୁରୀ-ସାତପଡ଼ା ରାସ୍ତାରେ ଦିନରାତି ଗାଈଗୋରୁ ଯାତାୟାତ କରୁଥିବାରୁ ପର୍ଯ୍ୟଟକ ଓ ଅଂଚଳବାସୀ ଯାନବାହନ ଯାଆସ କରିବା ସମୟରେ ଦୁର୍ଘଟଣା ବୃଦ୍ଧି ପାଉଛି। ଏହାର ସମାଧାନ କରିବା ପାଇଁ ବ୍ରହ୍ମଗିରି ଠାରେ ଗୋଶାଳା ପ୍ରତିଷ୍ଠା କରିବା ପାଇଁ ମଂଚ ଦାବି କରିଛି। ଏହାସହ ୫-ଟି ସଚିବ ଶ୍ରୀଅଲାରନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ମେଗା ପ୍ରୋଜେକ୍ଟକୁ ମଂଚ ସ୍ୱାଗତ କରିବା ସହ ୫-ଟିଙ୍କୁ ପ୍ରଶଂସା କରିଛି। ଏହି କାର୍ଯ୍ୟକୁ ଜିଲ୍ଲାପାଳ ତ୍ୱରାନିତ କରିବା ପାଇଁ ମଂଚ ଦାବି କରିଛି। ପ୍ରସିଦ୍ଧ ବାଲିହରଚଣ୍ଡୀ ପୀଠର ଉନ୍ନତିକରଣ, ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ, ପର୍ଯ୍ୟଟକଙ୍କ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ବନ୍ୟା ସମୟରେ ବ୍ରହ୍ମଗିରି ଅଂଚଳରେ ପ୍ରଭାବିତ ଭାର୍ଗବୀ, ରତ୍ନଚିରା ଓ ଲୁଣା ନଦୀରେ କଳିକତି ଦଳ ଯୋଗୁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏହାକୁ ସଫା କରିବା ପାଇଁ ମଂଚ ଦାବି କରିଛି। ଏହାସହ ବନ୍ୟା ସମୟରେ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି।

# କନ୍ଧମାଳ ସାଂସଦଙ୍କ ବନ୍ୟା ପରିସ୍ଥିତି ସମୀକ୍ଷା ଓ ଜିଲ୍ଲାର ବିକାଶ ନେଇ ଆଲୋଚନା

କନ୍ଧମାଳ,(ପି,ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଆଜି ଫୁଲବାଣୀଠାରେ ସାଂସଦ ଅଚ୍ୟୁତ ସାମନ୍ତ କନ୍ଧମାଳ ଜିଲ୍ଲାରେ ସାମ୍ପ୍ରତିକ ବର୍ଷା ଓ ବନ୍ୟା ପରିସ୍ଥିତି ଏବଂ ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ଜିଲ୍ଲା ପ୍ରସାସନ ସହ ଆଲୋଚନା କରିଥିଲେ । ଏହି ବୈଠକରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚନ୍ଦ୍ରମଣି କହଁର, ଜି ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଓ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକଙ୍କ ସହ ଜିଲ୍ଲାର ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବିଶେଷ କରି କନ୍ଧମାଳ ଜିଲ୍ଲାରେ ପର୍ଯ୍ୟଟନ ଓ କ୍ରୀଡ଼ାର ବିକାଶ ସହ ସମସ୍ତ ଅଞ୍ଚଳରେ ଟେଲି ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ିକରଣ ପାଇଁ ବିଭିନ୍ନ ଅଞ୍ଚଳରେ ଟେଲିଫୋନ୍ ଟାୱାର ସ୍ଥାପନ ଏବଂ ସରକାରଙ୍କ ପକ୍ଷରୁ ଗରିବ ଲୋକଙ୍କୁ ଗୃହ ଯୋଗାଣ ଉପରେ ସାଂସଦ ସାମନ୍ତ ଗୁରୁତ୍ୱାରୋପ କରିଥିଲେ ।ଆଜି ସକାଳେ ସାଂସଦ ଅଚ୍ୟୁତ ସାମନ୍ତ କନ୍ଧମାଳ ଜିଲ୍ଲାରେ ବିଜୁ ଜନତା ଦଳର ସାଂଗଠନିକ କାର୍ଯ୍ୟ ସହ ଜିଲ୍ଲାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ନେଇ ବିଜେଡ଼ି ଜିଲ୍ଲା ସଭାପତି ସରୋଜ କର୍ଣ୍ଣ, ଜିଲ୍ଲା ବିଜେଡ଼ି ମହିଳା ସଭାପତି ପୁନମ୍ କହଁର, ଜିଲ୍ଲା ଯୁବ ବିଜେଡ଼ି ସଭାପତି ବିଷ୍ଣୁ ଚରଣ ପ୍ରଧାନ, ଛାତ୍ର ବିଜେଡ଼ି ଜିଲ୍ଲା ସଭାପତି ସୁନୀଲ ସେଠି ଓ ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ ।ସାଂସଦ ଅଚ୍ୟୁତ ସାମନ୍ତ ଆଜି ଫୁଲବାଣୀଠାରେ ରୋଗୀ କଲ୍ୟାଣ ସମିତି ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଜିଲ୍ଲା ସ୍ୱାସ୍ଥ୍ୟ ମିଶନ କମିଟି ବୈଠକରେ ଯୋଗ ଦେଇ ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ସାଂସଦ ଅଚ୍ୟୁତ ସାମନ୍ତ ଆବଶ୍ୟକ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅଚ୍ୟୁତ ସାମନ୍ତ ଭ୍ରାମ୍ୟମାଣ ପ୍ରସବ ଯାନ ଓ ଭ୍ରାମ୍ୟମାଣ ଚିକିତ୍ସା ଯାନର ଲୋକାର୍ପଣ କରିଥିଲେ ।

# ନାଳରୁ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା : ହତ୍ୟା ଅଭିଯୋଗରେ ମହିଳାଙ୍କ ସ୍ୱାମୀ ଗିରଫ

କନ୍ଧମାଳ ,(ପି,ଏନ): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଡେରାକୁମ୍ପା ଗାଁ ନିକଟରେ ଥିବା ଏକ ନାଳରୁ ଜଣେ ବିବାହିତ ମହିଳାଙ୍କ ଉଲଗ୍ନ ଗଳିତ ଶବ ଉଦ୍ଧାର ଘଟଣା ରେ ଗୋଛାପଡା ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ତେବେ ଗତ ୨୦ ତାରିଖ ଦିନ ମହିଳାଙ୍କ ଶବକୁ ପୋଲିସ ଜବତ କରିବା ପରେ ମହିଳା ଜଣକ ଗୋଛାପଡା ଥାନା ସରୁପଡା ଗାଁ ର ଭାସ୍କର କହଁର ଙ୍କ ସ୍ତ୍ରୀ ମାମଦେଇ କହଁର ବୋଲି ଜଣାପଡିଛି । ଏହିଘାଟଣାକୁ ନେଇ ମାମାଦେଇଙ୍କ ବାପା ବାଲାନ୍ଦାପଡା ପଂଚାୟତ ବଡପାଙ୍ଗା ଗାଁ ର ଜାକି କହଁର ତାଙ୍କ ଝିଅକୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ଏତଲା ଆଧାରରେ ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ୧୦୩/୨୦୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ତେବେ ଗତ ୨୦ ତାରିଖ ଠାରୁ ପୋଲିସ ମହିଳାଙ୍କ ସ୍ୱାମୀ ଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରି ରଖିଥିଲା। ପୋଲିସ ର ସୂଚନା ଅନୁସାରେ ଦୀର୍ଘ ଦିନ ଧରି ମହିଳା ଓ ତାଙ୍କ ସ୍ୱାମୀ ଙ୍କ ମଧ୍ୟରେ ପାରିବାରିକ ସମସ୍ୟା କୁ ନେଇ କଳହ ଲାଗିରହିଥିଲା ଗତ ୨୦ ତାରିଖ ଦିନ ଘରେ କେହି ନଥିବା ସମୟରେ ଅଭିଯୁକ୍ତ ସ୍ୱାମୀ ତାର ସ୍ତ୍ରୀ କୁ ତଣ୍ଟିଚିପି ହତ୍ୟା କରିବା ପରେ ନାଳରେ ଫିଙ୍ଗି ଦେଇଥିଲା। ତବେ ଏହି ଘଟଣାକୁ ଅଭିଯୁକ୍ତ ଜଣକ ସ୍ୱୀକାର କରିଥିବା ବେଳେ ମଙ୍ଗଳବାର ପୋଲିସ ମୃତ ମହିଳାଙ୍କ ସ୍ୱାମୀ ଭାସ୍କର କହଁରଙ୍କୁ ହତ୍ୟା ଅଭିଯୋଗ ରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି।

# ଶ୍ରମଜୀବୀ ସଂଗଠନ ପକ୍ଷରୁ ସପ୍ତାହ ବ୍ୟାପୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପରେ ଜିଲ୍ଲା ବ୍ୟାପୀ ଜନ ସଚେତନତା ଅଭିଯାନ

ମାଲକାନଗିରି, (ପି,ଏନ): ଓଡିଶାର ଗରିବଶ୍ରେଣୀର ଲୋକମାନଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାର ଦୃଢ଼ ପ୍ରତିଶ୍ରୁତିବଦ୍ଧ ଭାବରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଗଷ୍ଟ ମାସ ୨୦୧୮ ମସିହାରେ ଆରମ୍ଭ କରିଥିଲେ। କରୋନା ମହାମାରୀ ପରଠାରୁ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିଥିଲେ । ସମସ୍ତ ଯୋଗ୍ୟ ପରିବାରକୁ ସ୍ମାଟ କାର୍ଡ ମଧ ପଚାଂୟତ ତରଫରୁ ଯୋଗାଇ ଦିଆଯାଇଥିଲା। ଏଭଳି ଏକ ଉତମ ଯୋଜନାର ସ୍ଥିତି ଅନୁଧାନ କରିବା ପାଇଁ ଓଡିଶା ଶ୍ରମଜୀବୀ ମଂଚ ଓ ମହିଳା ଶ୍ରମଜୀବୀ ମଂଚ, ଓଡିଶାର ଆହ୍ୱାନ କ୍ରମେ ୧୭ ଗୋଟି ଜିଲ୍ଲା ମାନଙ୍କରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ଏକ ସର୍ଭେ କରାଯାଇଥିଲା। ଶ୍ରମଜୀବୀ ସଂଗଠନ, ମାଲକାନଗିରି ଜିଲ୍ଲାର ୭ ଗୋଟି ବ୍ଲକରେ ପ୍ରାୟ ୨୫୦୦ ରୁ ଉର୍ଦ୍ଧ୍ୱ ପରିବାରକୁ ନେଇ ଜିଲ୍ଲା ସ୍ତରରେ ସର୍ଭେ କରାଯାଇଥିଲା । ଏହି ସର୍ଭେରେ ସଂଗଠନର କର୍ମୀମାନେ ଜାଣିବା ପାଇଁ ପାଇଥିଲେ ଯେ, ଏପର୍ଯ୍ୟନ୍ତ ଲୋକମାନେ ଜାଣି ନାହାଁନ୍ତି ବିଜୁ ସ୍ୱାସ୍ଥ୍ୟ କାର୍ଡ଼ କଣ ଓ ତାହାର ବ୍ୟବହାର କିପରି କରାଯିବ, ସେଥିରେ କି କି ଲାଭ ମିଳିବ ଓ କେଉଁଠାରେ ଚିକିତ୍ସିତ ହେବେ, କେତେ ଟଙ୍କାର ସୁବିଧା ମିଳିବ ଆଦି ବିଷୟରେ ସଚେତନ ନାହାନ୍ତି। ଏହି କାରଣରୁ ଶ୍ରମଜୀବୀ ସଂଗଠନ ତରଫରୁ ୪ ଟି ଦଳ ଗଠନ କରାଯାଇ ଜିଲ୍ଲାର ୭ ଗୋଟି ବ୍ଲକର ୧୧୧ ଟି ପଚାଂୟତ ଓ ଗ୍ରାମ ସ୍ତରରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ବିଷୟରେ ଲୋକ ମାନଙ୍କୁ ସଚେତନତା କରାଇବା ସହିତ ସମସ୍ୟା ଦୂର କରାଇବା ପାଇଁ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜନପ୍ରତିନିଧି, ସ୍ୱାସ୍ଥ୍ୟ କର୍ମୀଙ୍କ ସହିତ ଯୋଗାଯୋଗ କରି ସମସ୍ୟା ସମାଧାନ କରିବା ଏହି ଅଭିଯାନର ଲକ୍ଷ୍ୟ ଥିବା ସଂଗଠନର ସଦସ୍ୟ ମୁକୁନ୍ଦ ମାଡକାମୀ, ଶ୍ରୀନୁ ସଲବମ, ରାମ ବଡ଼ନାୟକ, ମଦନ ହନ୍ତାଳ, ତ୍ରିନାଥ ବଡ଼ନାୟକ, ସୀତାରାମ ଦୁରୁଆ, ସନ୍ତୁ ସୋଡି, ଶୁଭଶ୍ରୀ ମାଢ଼ି ପ୍ରମୁଖ ମତ ପ୍ରକାଶ କରିବା ସହ ଏହି କାର୍ଯ୍ୟକ୍ରମ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ କହିଛନ୍ତି।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ଭୁବନର ପ୍ରସିଦ୍ଧ ଗଣେଶପୂଜା ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ

ଭୁବନ, (ପି,ଏନ): ଭୁବନରେ ଦ୍ୱିତୀୟ ଦଶହରାର ମାନ୍ୟତା ପାଇଥିବା ପ୍ରସିଦ୍ଧ ଗଣେଶପୂଜା ଉପଲକ୍ଷେ ଏନଏସି ପ୍ରଶାସନ ତରଫରୁ ଶାନ୍ତିକମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କାମାକ୍ଷାନଗର ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତଅନୁଷ୍ଠିତ ପୂଜାକୁ ଶୃଙ୍ଖଳାର ସହ ସମାପନ କରିବାକୁ କହିଥିଲେ। ଭସାଣି ଯାତ୍ରାରେ ଡିଜେ ସାଉଣ୍ଡକୁ ସଂପୂର୍ଣ୍ଣ ବାରଣ କରିଥିଲେ । ଅଗଷ୍ଟ ୩୧ ତାରିଖରୁ ପ୍ରସିଦ୍ଧ ଗଣେଶପୂଜା ଆରମ୍ଭ ହୋଇ ସେପ୍ଟେମ୍ବର ୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ପୂଜା ମଣ୍ଡପରେ ଗଜାନନଙ୍କ ପୂଜା ହେବ, ୫ ତାରିଖରେ ଯାତ୍ରା ପଡିଆରେମେଳଣ ଏବଂ ୬ ତାରିଖ ଦିନଆଙ୍କାଲଡୁ ନିଲାମ, ମେଧାବୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯିବ । ୭ ତାରିଖ ଦିନ ବିନା ଡିଜେ ସାଉଣ୍ଡରେ କେବଳ ପାରମ୍ପରିକ ବାଦ୍ୟ, କୀର୍ତନ ରେ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ତରଫରୁ ସୂଚନା ଦିଆଯାଇଥିଲା । ଏଥି ସହିତ ଅଗଷ୍ଟ ୩୧ ରୁ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଯାତ୍ରା ପଡିଆରେ ବାଣିଜ୍ୟ ମେଳା ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା । ଗଣେଶ ପୂଜା ପୂର୍ବରୁ ନୂଆଭୁବନ ଛକଠାରୁ କଲେଜ ରୋଡ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଟ୍ରାଫିକ ବ୍ୟବସ୍ଥା କଡାକଡି କରାଯିବା,ପୂଜାସ୍ଥାନ ଓ ଭସାଣି ଶୋଭାଯାତ୍ରା ରାସ୍ତା, ଡ୍ରେନ ସଫାକରିବା ଓ ଆବଶ୍ୟକସ୍ଥଳେ ମରାମତି କରାଯିବା,ପୂଜା ସମୟରେ ବିଦ୍ୟୁତକାଟ ଆଦୌ ନହେବା, ଭସାଣି ସମୟରେ ରାସ୍ତାରେ ଝୁଲି ରହିଥିବା ବିଦ୍ୟୁତ ତାରର ମରାମତି କରିବା ଏବଂ ଅଗଷ୍ଟ ୩୧ ରୁ ସେପ୍ଟେମ୍ବର ୪ ପର୍ଯ୍ୟନ୍ତ ସଂଧ୍ୟା ୬ ରୁ ରାତି ୧୦ ଟା ଯାଏ ପୂଜାସ୍ଥଳକୁ ମୋଟର ସାଇକେଲ ସଂପୂର୍ଣ୍ଣ ବନ୍ଦ କରାଯିବା ଓ ଯାତ୍ରା ପଡିଆରେ ପାର୍କିଂ କରିବା ନିମନ୍ତେ ମିଳିତ ପୂଜା କମିଟି ସଭାପତି ଦୀପକ କୁମାର ବେହେରା, ଉପ ସଭାପତି ବିନୋଦ କୁମାର ମହାରଣା, ସଂପାଦକ ଜିତେନ୍ଦ୍ର ଦାସ ପ୍ରମୁଖ ପ୍ରସ୍ତାବ ଦେଇଥିଲେ । ଉପରୋକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଉପ ଜିଲ୍ଲାପାଳ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ଏନଏସି ନିର୍ବାହୀ ଅଧିକାରୀ ଶ୍ୟାମ ସୁନ୍ଦର ସାହୁଙ୍କ ସମେତ ଭାରପ୍ରାପ୍ତ ତହସିଲଦାର ରାଜୀବ ଲୋଚନ ବେହେରା, ୨୬ଟି ପୂଜା କମିଟି ସଦସ୍ୟ, ବଣିକ ସଂଘ କର୍ମକର୍ତା, ଆରକ୍ଷୀ ଓ ଅଗ୍ନିଶମ ବାହିନୀ , ବିଦ୍ୟୁତ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଯୋଗଦେଇଥିଲେ ।

# ଖେଳ




Bhubaneswar Saturday August 27, 2022 ଭୁବନେଶ୍ୱର ଶନିବାର, ଅଗଷ୍ଟ ୨୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କିମ୍ସରେ ଅଙ୍ଗଦାନ ଓ ପ୍ରତିରୋପଣ ଆଲୋଚନାଚକ୍ର

## ଅଙ୍ଗ ପ୍ରତିରୋପଣ ପାଇଁ ବିଏସ୍‌କେୱାଇ ସହାୟତା ପାଇପାରିବେ ହିତାଧିକାରୀ: ଅତିରିକ୍ତ ଡିଏମ୍‌ଇଟି



ଭୁବନେଶ୍ୱର,(ପି.ଏନ): ଅଙ୍ଗ ପ୍ରତିରୋପଣ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ପାଇଁ ଓଡ଼ିଶାରେ ଅନେକ ପଦକ୍ଷେପ ନିଆଯାଉଛି। ରାଜ୍ୟରେ ଥିବା ମୋଟ ୮ଟି ଅଙ୍ଗ ପ୍ରତିରୋପଣ ଓ ପୁନରୁଦ୍ଧାର କେନ୍ଦ୍ରରେ ବର୍ତ୍ତମାନ ସୁଦ୍ଧା ୧୩୧୨ଟି ଅଙ୍ଗ ପ୍ରତିରୋପଣ ହୋଇସାରିଛି ବୋଲି କିମ୍ସରେ ଆୟୋଜିତ ଏକ ଆଲୋଚନାଚକ୍ରରେ ବକ୍ତାମାନେ ସୂଚନା ଦେଇଛନ୍ତି। ଏହି ଅବସରରେ ସୂଚନା ଦେଇ ଓଡ଼ିଶା ମେଡିକାଲ କଲେଜ ଏଜୁକେସନ୍ ଆଣ୍ଡ ଟ୍ରେନିଂର ଅତିରିକ୍ତ ନିର୍ଦ୍ଦେଶକ ତଥା ଷ୍ଟେଟ୍ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ (ସୋଟୋ)ର ନୋଡାଲ୍ ଅଫିସର ପ୍ରଫେସର ଡା ଉମାକାନ୍ତ ଶତପଥୀ କହିଲେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଅଧୀନରେ କିଡ୍‌ନୀ ଓ ଯକୃତ ପରି ଅଙ୍ଗ ପ୍ରତିରୋପଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଓଡ଼ିଶାରେ ପ୍ରତିବର୍ଷ ୧୧ ହଜାର ୫ ଶହ ସଡ଼କ ଦୁର୍ଘଟଣା ମାମଲା ପଞ୍ଜୀକରଣ ହେଉଥିବା ବେଳେ ସେଥିରୁ ପ୍ରାୟ ୫ ହଜାର ଲୋକ ମୃତ୍ୟୁ ମୁଖରେ ପଡ଼ନ୍ତି। ଅଙ୍ଗ ଦାନ ପାଇଁ ସଚେତନତା ସୃଷ୍ଟି କରାଯାଇପାରିଲେ ମୃତ ବ୍ୟକ୍ତିଙ୍କ ଅଙ୍ଗ ସହାୟତାରେ ଅନେକ ଲୋକ ନୂତନ ଜୀବନ ପାଇ ପାରନ୍ତେ। ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ଡିଏମ୍‌ଇଟି ପକ୍ଷରୁ ରାଜ୍ୟର ପ୍ରତ୍ୟେକ ଡାକ୍ତରଖାନାକୁ ପ୍ରସ୍ତାବ ଦିଆଯାଇଛି। କିମ୍ସ ଆକାଡେମିକ୍ ଚେୟାରମ୍ୟାନ୍ ପ୍ରଫେସର ୱାଇ କେ ଚାୱ୍ଲା ନୂଆଦିଲ୍ଲୀସ୍ଥିତ ଏମ୍ସରେ ପ୍ରଫେସର ସମୀରଣ ନନ୍ଦିଙ୍କ ନେତୃତ୍ୱରେ ଭାରତରେ ଅଙ୍ଗଦାନ ଓ ପ୍ରତିରୋପଣ ଭଳି ଚ୍ୟାଲେଞ୍ଜିଂ ପ୍ରକ୍ରିୟା କିପରି ଆରମ୍ଭ କରାଯାଇଥିଲା ସେ ସମ୍ପର୍କରେ କହିଥିଲେ। ବର୍ତ୍ତମାନ ଭାରତରେ ଅଙ୍ଗଦାନ ଓ ପ୍ରତିରୋପଣ ଯଥେଷ୍ଟ ବିକଶିତ ହୋଇଛି। ୧୪ଟି ରାଜ୍ୟରେ ସୋଟୋ କାର୍ଯ୍ୟ କରୁଛି ଏବଂ ନ୍ୟାସ୍‌ନାଲ୍ ଅର୍ଗାନ୍ ଏବଂ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍ ଅଧୀନରେ ୫ଟି ଆଞ୍ଚଳିକ ଅଙ୍ଗ ଓ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ସଂଗଠନ (ରୋଟୋ) ରହିଛି। ବର୍ତ୍ତମାନ ଭାରତରେ ୬୧୮ ଟି ପ୍ରତିରୋପଣ ଓ ୧୦୪ଟି ପୁନରୁଦ୍ଧାର କେନ୍ଦ୍ର ରହିଛି। ଏହି ଆଲୋଚନା ଚକ୍ରରେ ଉପକୁଳାଧିପତି ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି, କିମ୍ସ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ପ୍ରଫେସର ଡା. ଏ ସି ଆନନ୍ଦ ଏବଂ ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ଡା. ରାମଚନ୍ଦ୍ର ଦାସ, ନ୍ୟୁରୋ ସର୍ଜନ ପ୍ରଫେସର ଏନ୍ କେ ଦାସ, ଚକ୍ଷୁ ବିଶେଷଜ୍ଞ ପ୍ରଫେସର ଇନ୍ଦ୍ରାଣୀ ରଥ, ଜି ଆଇ ସର୍ଜରୀ ମୁଖ୍ୟ ପ୍ରଫେସର ଏମ୍ କେ ମହାପାତ୍ର, ସିଟିଭିଏସ୍ ମୁଖ୍ୟ ଡା. ଏ ସାରଦା, ୟୁରୋଲୋଜି ମୁଖ୍ୟ ଡା. ସୁମନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଅଙ୍ଗ ପ୍ରତିରୋପଣ ପ୍ରକ୍ରିୟାରେ ଦେଖା ଦେଉଥିବା ଆଇନ୍‌ଗତ ଓ ସାମାଜିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ଜାତୀୟ କ୍ରୀଡ଼ା ଜୁଡ଼ୋରେ ଭାଗନେବେ ମାଲକାନଗିରିର ମାସି ହନ୍ତାଳ

ମାଲକାନଗିରି,(ପି.ଏନ): ଅଲମ୍ପିକ ସଂଘର ମିଳିତ ଅନୁକୁଲ୍ୟରେ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୩୬ତମ ଜାତୀୟ କ୍ରୀଡ଼ାରେ ଓଡ଼ିଶା ରାଜ୍ୟ ଜୁଡ଼ୋ ସଂଘ ( ଓସ୍ ) ର ( ୩ ପୁରୁଷ ଓ ୪ ମହିଳା ) ୭ ଜଣ ଖେଳାଳି ଅଂଶଗ୍ରହଣ କରିବେ । ଜାତୀୟ କ୍ରୀଡ଼ାକୁ ଓଡ଼ିଶା ଜୁଡ଼ୋକାମାନେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟତା ଅର୍ଜନ କରିବା ଏହା ପ୍ରଥମ ଘଟଣା । ଯୋଗ୍ୟତା ଅର୍ଜନ କରିଥିବା ଖେଳାଳିମାନଙ୍କ ମଧ୍ୟରେ ରହିଛନ୍ତି ମାଲକାନଗିରିର ମାସି ହନ୍ତାଳ। ସେ ୬୦ କେଜି ବର୍ଗରେ ଚୟନ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଂଚଳ ପାପରମେଟଲା ଗ୍ରାମର ଏହି ଆଦିବାସୀ ଯୁବକ ଦୀର୍ଘ ୧୦ ବର୍ଷ ଧରି ମାଲକାନଗିରି ସ୍ଥିତ ଅଲ ଓଡିଶା ମାର୍ସଲ ଆର୍ଟ ଏକାଡେମୀରେ ପ୍ରଶିକ୍ଷକ ବିନାଶ କୁମାର ମିଶ୍ରଙ୍କ ଠାରୁ ତାଲିମ ନେଇ ନିଜ ଜୁଡୋ ଜୀବନ ଆରମ୍ଭ କରିଛନ୍ତି। ସେ ଚଳିତ ମାସ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ନୌଠାରେ ଆୟୋଜିତ ଜାତୀୟ ବରିଷ୍ଠ ଜୁଡ଼ୋ ପ୍ରତିଯୋଗିତାରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଜାତୀୟ କ୍ରୀଡ଼ାକୁ ଯୋଗ୍ୟତା ଅର୍ଜନ କରିଥିଲେ।

# ପାରାଦୀପ ଜୟଦେବ ସଦନରେ ମହିଳା ସମାନତା ଦିବସରେ ନାଟକ ମହୋତ୍ସବ




ପରାଦୀପ,(ପି.ଏନ): ମାଇ ଡେଣ୍ଟିଷ୍ଟ ଓ ଶ୍ରୀ ସାଇ ହସ୍ପିଟାଲ, ପାରାଦୀପ ଲେଡିଜ କ୍ଲବ୍ ସମେତ ଅଞ୍ଚଳର ସମସ୍ତ ଲେଡିଜ୍ କ୍ଲବ୍ ସହଯୋଗରେ ସ୍ଥାନୀୟ ଜୟଦେବ ସଦନ ଠାରେ ଏକ ନାଟକ ମହୋତ୍ସବ ଆୟୋଜନ କରିଥିଲେ। ମହିଳା ସମାନତା ଦିବସ ଅବସରରେ ଇଫକୋ ଓ ଆଇଓସିଏଲ ଲେଡିଜ୍ କ୍ଲବ ମଧ୍ୟ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମହିଳାଙ୍କ ଉପରେ ପର୍ଯ୍ୟବେକ୍ଷିତ ବ୍ୟଙ୍ଗ ନାଟକ ପାରିବେଷିତ ହୋଇଥିଲା କ୍ଷ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ ହରନାଦ ଏବଂ ଇଫକୋ ୟୁନିଟ୍ ମୁଖ୍ୟ କେଜେ ପଟେଲ ଆୟୋଜକମାନଙ୍କୁ ପ୍ରଶଂସା କରି ଆଗାମୀ ବର୍ଷରେ ସମାନ କାର୍ଯ୍ୟକ୍ରମ କରିବାକୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ୪୦ ଜଣ ମହିଳାଙ୍କୁ ସମାଜରେ ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। 'ମାନନିୟା' ସଂସ୍ଥାର ପ୍ରତିଷ୍ଠାତା ତଥା କାର୍ଯ୍ୟକ୍ରମର ଆୟୋଜକ ଡା. ଅରୋବିନ୍ଦ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ନାଟକର ବିଚାରପତି ଭାବେ ଡା. ରଞ୍ଜିତା ପଟ୍ଟନାୟକ, ଡା.କାତ୍ୟାୟନୀ ଏବଂ ଅଭିନେତ୍ରୀ ଅଞ୍ଜନା ଦାସ ରହିଥିଲେ। ଶେଷରେ ସଂସ୍ଥାର ପ୍ରତିଷ୍ଠାତା ସଦସ୍ୟା ପ୍ରୀତି ଆରତୀ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମଗିରି ଅଂଚଳର ବିକାଶ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପୁରୀ,(ପି.ଏନ): ବ୍ରହ୍ମଗିରି ଅଂଚଳର ବିକାଶ ପାଇଁ ବ୍ରହ୍ମଗିରି ବିକାଶ ମଂଚ (ବି. ବି.ଏମ) ପକ୍ଷରୁ ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମଂଚର ଆବାହକ କୈଳାସ ପରିଡାଙ୍କ ନେତୃତ୍ୱରେ ପ୍ରଦାନ କରାଯାଇଛି। ଶ୍ରୀ ଅଲାରନାଥ ମନ୍ଦିର ବିକାଶ ପାଇଁ ୫-ଟି ସଚିବଙ୍କ କାର୍ଯ୍ୟକୁ ପ୍ରଶଂସା କରାଯିବା ସହ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ପାଇଁ ଦାବୀ କରିଥିଲେ। ପୁରୀ -ସାତପଡ଼ା ରାସ୍ତାରେ ଗାଈଗୋରୁ ଚଳପ୍ରଚଳ ବନ୍ଦ କରି ଗୋଶାଳା ଖୋଲାଯାଉ, ବନ୍ୟାରେ ପ୍ରଚୁର କଳିକତି ଦଳ ରନ୍‌ଚିରା, ଭାର୍ଗବୀ, ଲୁଣା ନଦୀରେ ଜମିରହି ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି, ଏହାକୁ ସଫା କରାଯାଉ। ବନ୍ୟାରେ ଚାଷିଙ୍କୁ କ୍ଷୟକ୍ଷତି ଦିଆଯାଉ। ବାଳିହରଚଣ୍ଡୀ ମନ୍ଦିରର ଉନ୍ନତି ଓ ଚାରିପଟ ଉନ୍ନତିକରଣ କରାଯାଉ।

## ବଜ୍ରପାତରେ ୨ ମହିଳାଙ୍କ ମୃତ୍ୟୁ, ୪ ଆହତ

ମାଲକାନଗିରି,(ପି.ଏନ): ବଜ୍ରାଘାତରେ ୨ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତିକରାଯାଇଛି। ଖବର ଅନୁଯାୟୀ, ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି ପଂଚାୟତ ବାଓଁଶଗୁଡା ଗାଁରେ ଘଟିଛି ଏହି ଘଟଣା । ବୁଧବାର ଅପରାହ୍ନରେ ବିଲରେ କାମ କରୁଥିବାବେଳେ ମାରିଥିଲା ଚଡ଼କ । ଫଳରେ ଚାଲିଗଲା ୨ ମହିଳାଙ୍କ ଜୀବନ । ଅନ୍ୟ ୪ ମହିଳା ଆହତ ହୋଇଛନ୍ତି । ସ୍ଥାନୀୟ ଲୋକେ ତୁରନ୍ତ ଆହତମାନଙ୍କୁ ଉଦ୍ଧାର କରି ପାଣ୍ଡ୍ରିପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଛନ୍ତି।

# ଏଚଆଇଏଲ ଲିମିଟେଡ୍ ଏହାର ମୁକୁଟରେ ୨୩ତମ ସଫଳତା ହାସଲ କଲା

କଟକ,(ପି.ଏନ): ଏଚଆଇଏଲ ଲିମିଟେଡ୍ (ସି.କେ ବିର୍ଲା ଗ୍ରୁପ) ନିର୍ମାଣ ସାମଗ୍ରୀ ସମାଧାନ କମ୍ପାନୀ, ଏହାର ସମ୍ପ୍ରସାରଣ ରଣନୀତିର ଏକ ଅଂଶ ଭାବରେ ନିକଟରେ ଫାଷ୍ଟ ବିଲ୍ଡ ବ୍ଲକ୍ ପିଭିଟି ଲିମିଟେଡ୍‌କୁ ଅଧିଗ୍ରହଣ ସମ୍ପର୍କରେ ଘୋଷଣା କରିଛି। ଏହି ଚୁକ୍ତିନାମା ଅନୁଯାୟୀ କମ୍ପାନୀ କଟକରେ ଥିବା ଫାଷ୍ଟ ବିଲ୍ଡ ବ୍ଲକ୍ ପିଭିଟି ଲିମିଟେଡର୍ ଏଏସି ବ୍ଲକ୍‌କୁ ୩୭ କୋଟି ଟଙ୍କା ମୂଲ୍ୟରେ ଅଧିଗ୍ରହଣ କରିଛି । ଏହି ବିକାଶ ମାଧ୍ୟମରେ, ଏହା ପୂର୍ବାଂଚଳର ଏଏସି ବ୍ଲକଗୁଡିକର ଆବଶ୍ୟକତାକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଛି । ଏହି ବିକାଶ ଗ୍ରାହକଙ୍କୁ ସର୍ବୋତମ ଶ୍ରେଣୀର ଉତ୍ପାଦ ସହିତ ସେବା କରିବାରେ ଏଚଆଇଏଲର ପ୍ରତିବଦ୍ଧତା ସହିତ ସମାନ ହୋଇଛି, ଏବଂ ଭାରତରେ ଏହାର ନେତୃତ୍ୱ ଆଭିମୁଖ୍ୟ ଗଠନ ଏବଂ ବଜାୟ ରଖିବାକୁ ଚେଷ୍ଟା କରୁଛି । ଏଚଆଇଏଲ ଲିମିଟେଡ୍ (ସି.କେ ବିର୍ଲା ଗ୍ରୁପ୍), ଏମଡି ଏବଂ ସିଇଓ ଶ୍ରୀ ଧୀରୁପ ରୟେ ଚୌଧୁରି କହିଛନ୍ତି, ନବର୍ଷ ବର୍ଷ ଧରି ଏଚଆଇଏଲ ର ଅଭିବୃଦ୍ଧି ଦେଖି ଆମେ ଗର୍ବିତ । ଆମେ ନିଶ୍ଚିତ ଯେ ନିକଟରେ କଟକରେ ଏହି ଅଧିଗ୍ରହଣ ସହିତ, ଆମେ ଆମର ସାମର୍ଥ୍ୟକୁ ଆହୁରି ଦୃଢ଼ିଭୁତ କରିପାରିବୁ । ପୂର୍ବାଂଚଳର ଅସୁବିଧାକୁ ଦୂର କରିବା ପାଇଁ ଆମେ ନିରନ୍ତର ଭିତିଭୂମି ବିକାଶ ଉପରେ କାର୍ଯ୍ୟ କରୁଛୁ । ସମ୍ପ୍ରସାରଣ ଯୋଜନା ଆମର ସାମଗ୍ରିକ ଅଭିବୃଦ୍ଧି ରଣନୀତିକୁ ସମର୍ଥନ କରୁଥିବାବେଳେ ଆମର ଶ୍ରେଷ୍ଠ ଶ୍ରେଣୀର ଉତ୍ପାଦ ପୋର୍ଟଫୋଲିଓ ଏବଂ ସେବା କ୍ଷମତାକୁ ବିସ୍ତାର କରିବରେ ସକ୍ଷମ ହେଉଛୁ। ଏହି ଅଧିଗ୍ରହଣ ନିର୍ମାଣ ସାମଗ୍ରୀ ସମାଧାନ କ୍ଷେତ୍ରରେ ଆମର ଆଭିମୁଖ୍ୟକୁ ଦୃଢ଼ିଭୁତ କରିବା ସହିତ ଆମର ଗ୍ରାହକଙ୍କୁ ଅଭିବୃଦ୍ଧି କରିବାରେ ସାହାଯ୍ୟ କରିବ।

# ସରକାରୀକୃତ ବନ୍ୟା ଯୋଗୁଁ ରାଜ୍ୟର ୧୦ ଲକ୍ଷ ଲୋକ ଦୁର୍ଦ୍ଦଶାରେ : ଶରତ ପଟ୍ଟନାୟକ



ଭୁବନେଶ୍ୱର,(ପି.ଏନ) : ରାଜ୍ୟରେ ଦେଖା ଦେଇଥିବା ଭୟଙ୍କର ବନ୍ୟାରେ ୧୫ ଟି ଜିଲ୍ଲା ପ୍ରଭାବିତ ହୋଇଥିଲାବେଳେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପାଣି ଘେରରେ ରହି ଚରମ ଦୁର୍ଦ୍ଦଶାରେ କାଳତିପାତ କରୁଛନ୍ତି। ହଜାର ହଜାର ଏକର ଫସଲ ଜଳମଗ୍ନ ହୋଇ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ଗୃହପାଳିତ ପଶୁ ନାହିଁ ନଥିବା ଯାତନା ଭୋଗୁଛନ୍ତି। ଦୀର୍ଘ ୨୩ ବର୍ଷ କ୍ଷମତାରେ ରହିଥିବା ରାଜ୍ୟର ବିଜେଡ଼ି ସରକାରକୃତ ଅଦୁରଦର୍ଶିତା ପାଇଁ ରାଜ୍ୟବାସୀ ଏ ବନ୍ୟା ଯନ୍ତ୍ରଣାରେ ଛଟପଟ ହେଉଥିଲାବେଳେ ସରକାର କେବଳ ମିଛ ପ୍ରଚାରରେ ବ୍ୟସ୍ତ। ଲୋକଙ୍କ ପାଖରେ ରିଲିଫ୍ ପହଂଚିପାରିଲା ନାହିଁ କି ସରକାରୀ କଳ ଲୋକଙ୍କ ଦୁର୍ଦ୍ଦଶା ଆକଳନ କରିବା ପାଇଁ ଗ୍ରାଉଣ୍ଡ ଜିରୋରେ ପହଂଚିଲେ ନାହିଁ । ନିଜ ବାସ, ବେଉସା ଓ ଫସଲ ଉଜୁଡ଼ି ଯାଇଥିଲାବେଳେ ଲୋକଙ୍କ ପ୍ରତି ରାଜ୍ୟ ସରକାର କେବଳ ପ୍ରତାରଣା କରିଚାଲିଛନ୍ତି ଓ ଜିରୋ କାଜୁଆଲଟିର ମୁଖ୍ୟମନ୍ତ୍ରୀ କେବଳ ଏକ ଫମ୍ପା ପ୍ରଚାର କରୁଛନ୍ତି। ଏକ ସରକାର ୨୩ ବର୍ଷ କାଳ ଶାସନରେ ରହିଲା ପରେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ ଓ ରାଜ୍ୟବାସୀଙ୍କ ପ୍ରତି ପ୍ରତାରଣା। ଚଳିତ ବର୍ଷର ବନ୍ୟା ସଂପୂର୍ଣ୍ଣ ଭାବରେ ସରକାରୀକୃତ। ସରକାରଙ୍କର ଅଦୁରଦର୍ଶିତା ଓ ଅପରିଣାମଦର୍ଶିତା ପାଇଁ ରାଜ୍ୟବାସୀ ବନ୍ୟାରେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଯଦି ରାଜ୍ୟ ସରକାରଙ୍କର ସତ୍‌ସାହସ ଅଛି ଓ ବନ୍ୟାର ନିୟନ୍ତ୍ରଣ ପାଇଁ ସାମନ୍ୟତମ ଆନ୍ତରିକତା ଅଛି ତେବେ ସର୍ବଦଳୀୟ ଓ ବିଶେଷଜ୍ଞମାନଙ୍କ ବୈଠକ ଡାକନ୍ତୁ ବୋଲି ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଆହ୍ୱାନ ଜଣାଇଛନ୍ତି। ଆଜି କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ରାଜ୍ୟରେ ସଂଘଠିତ ହେଉଥିବା ବନ୍ୟା ପରିପ୍ରେକ୍ଷୀରେ କଂଗ୍ରେସ ଦଳ ପକ୍ଷରୁ ଏକ ବନ୍ୟା ଅନୁଧ୍ୟାନକାରୀ କମିଟି ରାଜ୍ୟର ପ୍ରଭାବିତ ୧୫ ଜିଲ୍ଲା ଗ୍ରସ୍ତ କରି ପରିସ୍ଥିତି ପରିଖିଥିଲେ ଓ ପ୍ରଭାବିତ ଲୋକମାନଙ୍କ ସହ ଆଲୋଚନା କରିଥିଲେ। ସେଥିରୁ ଯାହା ନିର୍ଯ୍ୟାସ ବାହାରିଲା ସରକାର କେବଳ ମିଛ ପ୍ରଚାରରେ ବ୍ୟସ୍ତ ବୋଲି ଜଣାପଡ଼ିଲା। ବନ୍ୟାର ବେଶ୍ ପୂର୍ବରୁ ଘାଇ ବନ୍ଧ ମରାମତି ପାଇଁ କୋଟି କୋଟି ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ଏତେ ଘାଇ ସାରା ୧୫ ଟି ଜିଲ୍ଲାରେ କିଭଳି ହେଲା ଏହା ଏଥିପାଇଁ ସରକାର କାହାକୁ ଦାୟୀ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। କେତେ ବନ୍ୟା ଜଳ ଆସିବ ଓ କେତେ ଅଂଚଳ ପ୍ରଭାବିତ ହେବ ତା'ର ସମସ୍ତ ତଥ୍ୟ ଥାଇ ମଧ୍ୟ ସରକାର ଏବଂ ସରକାରଙ୍କ ପଦସ୍ତ ବାବୁମାନେ ସଠିକ୍ ଆକଳନ କରିବା ପରିବର୍ତେ ଗଣମାଧ୍ୟମରେ ବିଭ୍ରାନ୍ତିକର ସୂଚନା ଦେଇ ଲୋକଙ୍କୁ ଚରମ ଦୁର୍ଦ୍ଦଶା ଓ ଦୁର୍ଦ୍ଦିନ ଭିତରକୁ ଠେଲିଦେଲେ ବୋଲି ବାଲେଶ୍ୱର ଜିଲ୍ଲାର ବନ୍ୟାଂଚଳ ଗସ୍ତରୁ ପତ୍ୟାବର୍ତନ କରିଥିବା ସଭାପତି ଶ୍ରୀ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଅନେକ ଦିନ ଯାଏଁ ଲୋକଙ୍କ ପାଖରେ ରିଲିଫ୍ ପହଂଚିପାରିଲା ନାହିଁ। ଫସଲ କ୍ଷୟକ୍ଷତି ଆକଳନ ଓ ଘରଭଙ୍ଗାସ୍ଥିତି ଆକଳନ କରିବା ପାଇଁ ଅଧିକାରୀମାନେ ଲୋକଙ୍କ ପାଖରେ ପହଂଚିଲେ ନାହିଁ। ଗୋ ଖାଦ୍ୟ ମଧ୍ୟ ଯୋଗାଇବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ସରକାର ରନ୍ଧାଖାଦ୍ୟ, ବନ୍ୟାକ୍ଲିଷ୍ଟଙ୍କୁ ତତ୍‌କ୍ଷଣାତ ଯୋଗାଇ ଦେବେ ବୋଲି କହିଥିଲେ କିନ୍ତୁ ତାହା ପ୍ରକୃତରେ କେଉଁଠରେ ଦେଖିବାକୁ ମିଳିଲା ନାହିଁ। ଅନେକ ସ୍ଥାନରେ ଘାଇ ହୋଇ ଲୋକ ଭାସିଗଲେ ହେଲେ ସରକାର ଜିରୋ କାଜୁଆଲଟିର ମିଛ ଗପ ଗପୁଛନ୍ତି। ବନ୍ୟା ଅନୁଧାନ କମିଟିର ଅଧ୍ୟକ୍ଷ ଶ୍ରୀ ପଂଚାନନ କାନୁନ୍‌ଗୋ କହିଛନ୍ତି ଯେ, ଏହି ବନ୍ୟାରେ ୧୭ ଜଣଙ୍କ ଜୀବନ ଯାଇଛି। କିନ୍ତୁ ବନ୍ୟା ଛାଡ଼ିଯିବା ପରେ ଜଳବାହିତ ରୋଗ ଅତି ଗୁରୁତ୍ୱର ଆକରରେ ଧାରଣ କରିବାକୁ ଯାଉଛି। ସରକାର ସେଥିପ୍ରତି ଧ୍ୟନ ଦିଅନ୍ତୁ ଓ ବନ୍ୟାକ୍ଲିଷ୍ଟ ଲୋକଙ୍କୁ ହାଲୋଜିନ୍ ଟାବେଲ୍‌ଟ ଦିଆଯାଉ। ୧୫ ଦିନ ପାଇଁ ପ୍ରତି ଗାଇଗୋରୁ ଙ୍କ ପାଇଁ ୩ କେ.ଜି ଲେଖାଏଁ ଗୋଖାଦ୍ୟ ଦିଆଯାଉ। ବନ୍ୟାଂଚଳର ସମସ୍ତଙ୍କୁ ୩୦ ଫୁଟ ଲମ୍ବ ଓ ୬ ଫୁଟ ଚଉଡ଼ାର ପାଲ ଯୋଗାଇ ଦିଆଯାଉ। ସହଳ କିଷମର ବିହନ କୃଷକମାନଙ୍କୁ ତୁରନ୍ତ ଯୋଗାଇ ଦିଆଯାଉ। ମାଛ ଛାଷୀମାନଙ୍କୁ ଏକର ପିଛା ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ୩୫ ହଜାର ହେକ୍ଟର ଧାନ ଫସଲରୁ ୧୫ ହଜାର ହେକ୍ଟର ସଂପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ତେଣୁ ହେକ୍ଟର ପିଛା ୩୦ ହଜାର ଟଙ୍କା କ୍ଷତିପୂରଣ ଦିଆଯାଉ। ସେହିଭଳି ପନିପରିବା ଚାଷ, ଚାଷୀ ଭାଇମାନଙ୍କୁ ଏକର ପିଛା ଅନ୍ୟୁନ ଏକ ଲକ୍ଷ ଟଙ୍କାର ଆର୍ଥିକ ସହାୟତା କରନ୍ତୁ। ଆଜି ବି ଅନେକ ଅଂଚଳ ପାଣି ଘେରରେ ଥିବାବେଳେ ସରକାର ଆବଶ୍ୟକ ପଦକ୍ଷେପ ନେବାରେ ଅସମର୍ଥ ହେଉଛନ୍ତି। ସେ କହିଛନ୍ତି ଯେ, ପଶ୍ଚିମ ଓଡ଼ିଶାରେ ମରୁଡ଼ି ଓ ଏପଟେ ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ବିଫଳ ରାଜ୍ୟ ସରକାର ତୁରନ୍ତ ବିଶେଷଜ୍ଞ କମିଟି ଓ ସର୍ବଦଳୀୟ ବୈଠକ ଡାକନ୍ତୁ। ୨୩ ବର୍ଷ ଭିତରେ ଗୋଟିଏ ବି ବୋଲି ନଦୀବନ୍ଧ ଯୋଜନା ଏ ସରକାର କରି ନାହିଁ। କିନ୍ତୁ ସରକାର ପ୍ରତିଶ୍ରୁତି ଦେଇଥିଲେ ୭ ଟି ନଦୀବନ୍ଧ ନିର୍ମାଣ କରିବେ। ସୁବର୍ଣ୍ଣରେଖା ସଂସ୍କାର ଫାଇଲ ଏବେ କେଉଁଠି ? ସରକାରଙ୍କର ନିଷ୍ଠା ଥିଲେ ଉତର ଓଡ଼ିଶାରେ ବନ୍ୟା ନଥାନ୍ତା ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ବୈଠକରେ କଂଗ୍ରେସ ବନ୍ୟା ଅନୁଧ୍ୟାନକାରୀ କମିଟିର ଅଧ୍ୟକ୍ଷ ତଥା ପୂର୍ବତନମନ୍ତ୍ରୀ ଶ୍ରୀ ପଂଚାନନ କାନୁନ୍‌ଗୋ ପି.ସି.ସି ସଭାପତିଙ୍କ ଅଭିଯୋଗକୁ ସମର୍ଥନ କରିବା ସହ କହିଛନ୍ତି ଯେ, ସରକାରଙ୍କର ବିଫଳତା ପାଇଁ ଆଜି ରାଜ୍ୟରେ ସରକାରୀକୃତ ବନ୍ୟା ଅନୁଭୁତ ହୋଇଛି। ସେହିପରି ବନ୍ୟା ପ୍ରଭାବିତ ଅଂଚଳରେ କଂଗ୍ରେସ ଦଳ ପକ୍ଷରୁ ରିଲଫ୍ ସହାୟତା ପର୍ଯ୍ୟାପ୍ତ ପରିମାଣରେ ରିଲଫ୍ ସହାୟତା ଯୋଗାଇ ଦିଆଯାଇଥିବା ଯୋଗୁଁ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ ପିସିସି ସଭାପତି ଶ୍ରୀଯକ୍ତ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଓ ପି.ସି.ସି କୃଷକ ସେଲ୍‌ର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଉପସ୍ଥିତ ଥିଲେ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

## MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray